# ନବୋଦୟ ବିଦ୍ୟାଳୟ ସମିତି

# ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା ନିମନ୍ତେ ଆବେଦନ ପତ୍ର ତଥା ସୂଚନା ପୁସ୍ତିକା - ୨୦୧୭

## ୧. ନବୋଦୟ ବିଦ୍ୟାଳୟ ପରିଯୋଜନା

### ୧.୧. ଉପକ୍ରମ

ଜାତୀୟ ଶିକ୍ଷାନୀତି (୧୯୮୬)ର ପରିପୂର୍ତ୍ତି ତଥା ସଫଳ ରୂପାୟନ ନିମନ୍ତେ ଭାରତ ସରକାର ଜବାହର ନବୋଦୟ ବିଦ୍ୟାଳୟମାନ ସ୍ଥାପନ କରିଛନ୍ତି । ଅଦ୍ୟାବଧି ୨୮ଟି ରାଜ୍ୟ ଏବଂ ୭ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ବିଦ୍ୟାଳୟ ଗୁଡ଼ିକ ସ୍ଥାପିତ ହୋଇପାରିଛି । ଉକ୍ତ ବିଦ୍ୟାଳୟ ଗୁଡ଼ିକ ସହ ଶିକ୍ଷା ବିଶିଷ୍ଟ, ସଂପୂର୍ଣ୍ଣ ଆବାସିକ ଏବଂ ଭାରତ ସରକାରଙ୍କର ଏକ ସ୍ୱୟଂଚାଳିତ ସଂସ୍ଥା "ନବୋଦୟ ବିଦ୍ୟାଳୟ ସମିତି" ଦ୍ୱାରା ବିତ୍ତୀୟ ସହାୟତା ପ୍ରାପ୍ତ (financed) ଏବଂ ପରିଚାଳିତ । ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା ମାଧ୍ୟମରେ (JNVST) ଏହି ବିଦ୍ୟାଳୟମାନଙ୍କରେ ଷଷ୍ଠ ଶ୍ରେଣୀରେ ଛାତ୍ରଛାତ୍ରୀ ପ୍ରବେଶ ହୋଇଥାନ୍ତି । ଜବାହର ନବୋଦୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନ କରାଯାଏ । ପରବର୍ତ୍ତୀ ଶ୍ରେଣୀଗୁଡ଼ିକରେ ଇଂରାଜୀ ମାଧ୍ୟମରେ ଗଣିତ ତଥା ବିଜ୍ଞାନ ଓ ହିନ୍ଦୀ କିମ୍ବା ଇଂରାଜୀ ମାଧ୍ୟମରେ ସାମାଜିକ ବିଜ୍ଞାନ ଶିକ୍ଷା ଦିଆଯାଏ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(C.B.S.E.) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଦିଅନ୍ତି । ଯଦିଓ ଏହି ବିଦ୍ୟାଳୟମାନଙ୍କରେ ରହଣି ସହ ଖାଦ୍ୟପେୟ, ବିଦ୍ୟାଳୟ ପୋଷାକ ଏବଂ ପାଠ୍ୟ ପୁସ୍ତକ ସଂପୂର୍ଣ୍ଣ ନିଃଶୁଳ୍କ ତଥାପି ନବମରୁ ଦ୍ୱାଦଶ ଶ୍ରେଣୀ ପଢୁଥିବା ଛାତ୍ରମାନଙ୍କଠାରୁ ମାସିକ ଦୁଇଶହ (୨୦୦/-) ଟଙ୍କା ଶୁଳ୍କ ଆଦାୟ କରାଯାଏ । କିନ୍ତୁ ଏହି ଶୁଳ୍କ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ବାଳିକା ତଥା ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ପରିବାରର ସନ୍ତାନ ଏବଂ ଶାରୀରିକ ଅକ୍ଷମ ଛାତ୍ରମାନଙ୍କଠାରୁ ଆଦାୟ କରାଯାଏ ନାହିଁ ।

### ୧.୨ ପରିଯୋଜନାର ଉଦ୍ଦେଶ୍ୟ

କ) ବିଶେଷତଃ ଗ୍ରାମାଞ୍ଚଳରେ ପ୍ରତିଭାବାନ୍ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚକୋଟୀର ଆଧୁନିକ ଶିକ୍ଷା ସହ ସାଂସ୍କୃତିକ ମୁଖ୍ୟ ଉପାଦାନର ମୂଲ୍ୟବୋଧ ବିକାଶ, ପରିବେଶ ସଚେତନତା, ଦୁଃସାହସିକ କାର୍ଯ୍ୟକ୍ରମ ଓ ଶାରୀରିକ ଶିକ୍ଷା ସମ୍ବଳିତ ଗୁଣାତ୍ମକ ଶିକ୍ଷା ପ୍ରଦାନ ।

ଖ) ଛାତ୍ରଛାତ୍ରୀମାନଙ୍କୁ ତିନୋଟି ଭାଷାରେ ସମୁଚିତ ଭାବେ ଦକ୍ଷ କରାଇବା ।

ଗ) ହିନ୍ଦୀ ଭାଷାଭାଷୀ ରାଜ୍ୟ ସହ ଅଣହିନ୍ଦୀ ଭାଷାଭାଷୀ ରାଜ୍ୟ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କର ସ୍ଥାନାନ୍ତର (Migration) ନୀତି ମାଧ୍ୟମରେ ଜାତୀୟ ସଂହତିର ବିକାଶ ।

ଘ) ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଉଚ୍ଚକୋଟୀର ଗୁଣାତ୍ମକ ବିଦ୍ୟାଳୟ ସ୍ଥାପନ କରି ଗତିଶୀଳ ତଥା ଆଦର୍ଶ ଅନୁଷ୍ଠାନ ରୂପେ ପାର୍ଶ୍ୱବର୍ତ୍ତୀ ପ୍ରତିବେଶୀ ଅନୁଷ୍ଠାନଗୁଡ଼ିକୁ ଅଭିଜ୍ଞତା ଓ ସୁବିଧାର ଅଂଶୀଦାର କରାଇ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ସାଧନ ନିମନ୍ତେ ଉତ୍ସାହ ପ୍ରଦାନ ।

### ୧.୩ ରାଜ୍ୟ ଅନୁଯାୟୀ ଜବାହର ନବୋଦୟ ବିଦ୍ୟାଳୟର ଅବସ୍ଥିତି

ନବୋଦୟ ବିଦ୍ୟାଳୟ ପରିଯୋଜନା ଅନୁସାରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଜବାହର ନବୋଦୟ ବିଦ୍ୟାଳୟ ପର୍ଯ୍ୟାୟକ୍ରମେ ଖୋଲାଯାଉଅଛି । ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ୫୭୬ + ୨୨ = ୫୯୮ ଟି ଜବାହର ନବୋଦୟ ବିଦ୍ୟାଳୟ ମଞ୍ଜୁର ହୋଇଛି । ଏଥି ମଧ୍ୟରୁ ୫୯୧ (୫୭୩+୧୮) ବିଦ୍ୟାଳୟ କାର୍ଯ୍ୟରତ ଅଛି ।

ରାଜ୍ୟ ଅନୁଯାୟୀ ଜବାହର ନବୋଦୟ ବିଦ୍ୟାଳୟ ଅବସ୍ଥିତି

| | | | | | | | | |
|---|---|---|---|---|---|---|---|---|
| ୧. | ଆନ୍ଧ୍ରପ୍ରଦେଶ | ୧୩+୨ | ୧୩. | ହରିଆନା | ୨୦ | ୨୫. | ନାଗାଲାଣ୍ଡ | ୧୧ |
| ୨. | ଆସାମ | ୨୭+୧ | ୧୪. | ହିମାଚଳ ପ୍ରଦେଶ | ୧୨ | ୨୬. | ଓଡ଼ିଶା | ୩୦+୧ |
| ୩. | ଅରୁଣାଞ୍ଚଳ ପ୍ରଦେଶ | ୧୬ | ୧୫. | ଜାମ୍ମୁ-କାଶ୍ମୀର | ୧୭+୧ | ୨୭. | ପଞ୍ଜାବ | ୨୦+୧ |
| ୪. | ଆଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜ | ୦୨ | ୧୬. | ଝାଡ଼ଖଣ୍ଡ | ୨୨+୨ | ୨୮. | ପୁଡୁଚେରୀ | ୦୪ |
| ୫. | ବିହାର | ୩୮+୧ | ୧୭. | କର୍ଣ୍ଣାଟକ | ୨୭+୧ | ୨୯. | ରାଜସ୍ଥାନ | ୩୨+୨ |
| ୬. | ଚଣ୍ଡିଗଡ଼ | ୦୧ | ୧୮. | କେରଳ | ୧୪ | ୩୦. | ସିକିମ୍ | ୦୪ |
| ୭. | ଛତିଶଗଡ଼ | ୧୬+୧ | ୧୯. | ଲାକ୍ଷାଦ୍ୱୀପ | ୦୧ | ୩୧. | ତେଲେଙ୍ଗାନା | ୦୯ |
| ୮. | ଦିଲ୍ଲୀ | ୦୨ | ୨୦. | ମଧ୍ୟ ପ୍ରଦେଶ | ୪୮+୨ | ୩୨. | ତ୍ରିପୁରା | ୦୪ |
| ୯. | ଦାମନ ଓ ଡିଉ | ୦୨ | ୨୧. | ମହାରାଷ୍ଟ୍ର | ୩୨+୧ | ୩୩. | ଉତ୍ତର ପ୍ରଦେଶ | ୭୦+୧ |
| ୧୦. | ଦାଦ୍ରା ଓ ନଗରହାବେଲୀ | ୦୧ | ୨୨. | ମଣିପୁର | ୦୯+୨ | ୩୪. | ଉତ୍ତରାଖଣ୍ଡ | ୧୩ |
| ୧୧. | ଗୋଆ | ୦୨ | ୨୩. | ମେଘାଳୟ | ୦୭+୧ | ୩୫. | ପଶ୍ଚିମବଙ୍ଗ | ୧୭+୧ |
| ୧୨. | ଗୁଜରାଟ | ୨୫+୧ | ୨୪. | ମିଜୋରାମ | ୦୮ | | | |

ସମୁଦାୟ ୫୭୬+ ୨୨ = ୫୯୮

୨୨ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବହୁଳ ଜିଲ୍ଲା ପାଇଁ ୨୨ଟି ବିଦ୍ୟାଳୟ ଅଧିକ ମଞ୍ଜୁର ହୋଇଅଛି ।

ଯଦି ଉପଯୁକ୍ତ ଯୋଗ୍ୟତା ସମ୍ପନ୍ନ ବିଦ୍ୟାର୍ଥୀ ମିଳନ୍ତି ତାହାହେଲେ ପ୍ରତ୍ୟେକ ଜବାହର ନବୋଦୟ ବିଦ୍ୟାଳୟରେ ସର୍ବାଧିକ ୮୦ ଜଣ ବିଦ୍ୟାର୍ଥୀଙ୍କୁ ପ୍ରତିବର୍ଷ ଷଷ୍ଠ ଶ୍ରେଣୀରେ ନାମଲେଖା ନିମନ୍ତେ ଗ୍ରହଣ କରାଯାଏ କିନ୍ତୁ ବିଦ୍ୟାଳୟରେ ଆବାସିକ ସୁବିଧା ନଥିଲେ ଅଥବା ଆବାସିକ ସୁବିଧା ଯଥେଷ୍ଟ ନ ହେଲେ ବିଦ୍ୟାର୍ଥୀମାନଙ୍କର ସ୍ଥାନ ସଂଖ୍ୟା ୪୦କୁ କମେଇଦେବା କିମ୍ବା ପ୍ରବେଶ ପରୀକ୍ଷା (JNVST) ସ୍ଥଗିତ ରଖିବା/ପ୍ରବେଶ ନାମଲେଖା (Admission) ସ୍ଥଗିତ ରଖିବା ନବୋଦୟ ବିଦ୍ୟାଳୟର ଅଧିକାର ଅନ୍ତର୍ଭୁକ୍ତ।

### ୧.୪ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା - ୨୦୧୭

ଜବାହର ନବୋଦୟ ବିଦ୍ୟାଳୟମାନଙ୍କରେ ୨୦୧୭-୧୮ ଶିକ୍ଷାବର୍ଷର ଷଷ୍ଠଶ୍ରେଣୀରେ ନାମ ଲେଖାଇବାପାଇଁ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମ୍ନଲିଖିତ ନିର୍ଦ୍ଧାରିତ ଦିନମାନଙ୍କରେ ଅନୁଷ୍ଠିତ ହେବ । ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୧୬ ସେପ୍ଟେମ୍ବର ୨୦୧୬ (ଶୁକ୍ରବାର) ଅଟେ।

କ) ୦୮ ଜାନୁୟାରୀ ୨୦୧୭ - ରବିବାର ପ୍ରାତଃ ୧୧ ଘଣ୍ଟିକା ୩୦ ମିନିଟ୍ ସମୟରେ ନିମ୍ନଲିଖିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପରୀକ୍ଷା ହେବ। ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ପଶ୍ଚିମ ବଙ୍ଗ (ଦାର୍ଜିଲିଂ ବ୍ୟତୀତ), ଛତିଶଗଡ଼, ଗୋଆ, ଗୁଜରାଟ, ହରିଆନା, ହିମାଚଳ ପ୍ରଦେଶ (ଚମ୍ବା, କିନ୍ନୁର, ମଣ୍ଡି, ଶିରମର, କୁଲୁ, ଲାହୁଲ ଓ ସ୍ପିତି ଏବଂ ଶିମଲା ବ୍ୟତୀତ) ଝାଡ଼ଖଣ୍ଡ, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତେଲେଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ, ଦିଲ୍ଲୀ, ଅରୁଣାଞ୍ଚଳ ପ୍ରଦେଶ (ଦିବାଙ୍ଗଭାଲି, ତୱାଙ୍ଗ ଜିଲ୍ଲା ବ୍ୟତୀତ), ଆଣ୍ଡାମାନ ଓ ନିକୋବର ଦ୍ୱୀପ ପୁଞ୍ଜ, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାଭେଲୀ, ଡାମନ୍ ଓ ଡିଉ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀ।

ଖ) ୦୮ ଏପ୍ରିଲ୍ ୨୦୧୬ - ଶନିବାର ପ୍ରାତଃ ୧୧ ଘଣ୍ଟିକା ୩୦ ମିନିଟ୍ ସମୟରେ ନିମ୍ନଲିଖିତ ରାଜ୍ୟ ଓ ଜିଲ୍ଲାମାନଙ୍କରେ ପରୀକ୍ଷା ଅନୁଷ୍ଠିତ ହେବ । ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ, ସିକିମ୍, ଜାମ୍ମୁ ଏବଂ କାଶ୍ମୀର (ଦୋଡ଼ା, ଲେହ ଏବଂ କାର୍ଗିଲ ଜିଲ୍ଲା ବ୍ୟତୀତ), ଅରୁଣାଚଳ ପ୍ରଦେଶର ଦିବାଙ୍ଗଭାଲି, ତୱାଙ୍ଗ ଜିଲ୍ଲା, ହିମାଚଳ ପ୍ରଦେଶର ଚମ୍ବା, ଶିରମର, ମଣ୍ଡି, କୁଲୁ, ଏବଂ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲା।

ଗ) ୧୦ ଜୁନ୍, ୨୦୧୭ - ଶନିବାର ପ୍ରାତଃ ୧୧ ଘଣ୍ଟିକା ୩୦ ମିନିଟ୍ ସମୟରେ ନିମ୍ନଲିଖିତ ଜିଲ୍ଲାମାନଙ୍କରେ ପରୀକ୍ଷା ଅନୁଷ୍ଠିତ ହେବ। ଜାମ୍ମୁ ଏବଂ କାଶ୍ମୀର ରାଜ୍ୟର ଲେହ, କାରଗିଲ ଏବଂ ଦୋଡ଼ା, ହିମାଚଳ ପ୍ରଦେଶର କିନ୍ନୋର, ଶିମଲା, ଲାହୁଲ ଓ ସ୍ପିତି ଜିଲ୍ଲା।

## ୨. କିପରି ଆବେଦନ କରିବେ ?

### ୨.୧ ଆବେଦନ ପତ୍ର କିପରି ପାଇବେ ?

ପ୍ରବେଶ/ନାମଲେଖା (Admission) ନିମନ୍ତେ ଆବେଦନ, ଏକ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ କରିବାକୁ ହେବ । ଏହି ଆବେଦନ ପତ୍ର ସୂଚନା ପୁସ୍ତିକାର ମଧ୍ୟଭାଗରେ ଅଛି। ଆବେଦନ ପତ୍ର ନିମ୍ନଲିଖିତ ଅଧିକାରୀଙ୍କ କାର୍ଯ୍ୟାଳୟରେ ମାଗଣାରେ ମିଳିପାରିବ।

(କ) ବ୍ଲକ ଶିକ୍ଷା ଅଧିକାରୀ (Block Education Officer)।

(ଖ) ଜିଲ୍ଲା ଶିକ୍ଷା ଅଧିକାରୀ (District Education Officer)।

(ଗ) ସଂପୃକ୍ତ ଜିଲ୍ଲାର ପଞ୍ଚମ ଶ୍ରେଣୀ ଥିବା ଯେକୌଣସି ସରକାରୀ/ସରକାରୀ ସାହାଯ୍ୟପ୍ରାପ୍ତ/ମାନ୍ୟତା ପ୍ରାପ୍ତ/ସର୍ବଶିକ୍ଷା ଅଭିଯାନ କେନ୍ଦ୍ର/ଏନ୍. ଆଇ. ଓ. ଏସ୍ (NIOS) ର ପ୍ରଧାନ ଶିକ୍ଷକ।

(ଘ) ସଂପୃକ୍ତ ଜିଲ୍ଲାରେ ଅବସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ।

ଯଦି କୌଣସି କାରଣରୁ ଆଶାୟୀ ପ୍ରାର୍ଥୀ ଏହି ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଉଲ୍ଲିଖିତ କାର୍ଯ୍ୟାଳୟମାନଙ୍କରୁ ପାଇ ନ ପାରନ୍ତି, ତାହାହେଲେ ଏହି ଆବେଦନ ପତ୍ରର ଅବିକଳ ନକଲ ସାଧା କାଗଜରେ (୨୧ ସେ.ମି. x ୩୦ ସେ.ମି.) କରି ଅଥବା ଆବେଦନ ପତ୍ରର ଜେରକ୍ସ କପି କରି କିମ୍ବା ଆମ ୱେବସାଇଟ୍‌ରୁ (http://www.nvshq.org) ସଂଗ୍ରହ କରି ପ୍ରାର୍ଥୀ ପ୍ରବେଶ ପରୀକ୍ଷା ନିମନ୍ତେ ଆବେଦନ କରିପାରିବେ।

### ୨.୨ ଆବେଦନ ପତ୍ର କିପରି ଦାଖଲ କରିବେ ?

ସଠିକ୍ ଭାବେ ପୂରଣ ହୋଇଥିବା ଆବେଦନ ପତ୍ର ସେପ୍ଟେମ୍ବର ୧୬, ୨୦୧୬ ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିବେ । ସେପ୍ଟେମ୍ବର ୧୬, ୨୦୧୬ ଦିନ ବା ତା ପୂର୍ବରୁ ଯେଉଁ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ/ସର୍ବଶିକ୍ଷା ଅଭିଯାନରେ ବିଦ୍ୟାର୍ଥୀ ପଞ୍ଚମ ଶ୍ରେଣୀରେ ପଢୁଥିବେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆବେଦନ ପତ୍ରଟିରେ ଦସ୍ତଖତ କରିଥିବେ। ପ୍ରାର୍ଥୀ କିମ୍ବା ସେମାନଙ୍କ ପ୍ରତିନିଧି ଆବେଦନ ପତ୍ର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ଏକ ପ୍ରାପ୍ତି ସ୍ୱୀକାର ରସିଦ୍ (Acknowledgement) ନିଶ୍ଚୟ ନେବେ।

### ୨.୩. ପ୍ରବେଶ ପତ୍ର ପ୍ରାପ୍ତି :

ସଂପୃକ୍ତ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଯଥାଯଥ ଭାବରେ ପ୍ରାର୍ଥୀମାନଙ୍କର ପ୍ରବେଶ ପତ୍ର (Admit Card) ପ୍ରସ୍ତୁତ କରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବଣ୍ଟନ ବ୍ୟବସ୍ଥା କରିବେ। ଯେଉଁ ପ୍ରାର୍ଥୀ ପରୀକ୍ଷାର ଏକ ସପ୍ତାହ ପୂର୍ବରୁ ପ୍ରବେଶପତ୍ର ନ ପାଇଥିବେ ସେମାନେ ସମ୍ପୃକ୍ତ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ/ବ୍ଲକ ଶିକ୍ଷା ଅଧିକାରୀ/ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ତୁରନ୍ତ ଯୋଗାଯୋଗ କରିବେ।

### ୨.୪ ପ୍ରବେଶ ମନୋନୟନ ପରୀକ୍ଷାର ଫଳାଫଳ

୨୦୧୭ ଜାନୁୟାରୀ ମାସରେ ଅନୁଷ୍ଠିତ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷାର ପରିଣାମ ପ୍ରବେଶିକା ବର୍ଷର ଏପ୍ରିଲ ମାସ ପ୍ରଥମ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ବୋଲି ଆଶା କରାଯାଏ। ଏହି ଫଳାଫଳ ନିମ୍ନୋକ୍ତ କାର୍ଯ୍ୟାଳୟର ସୂଚନା ପଟରେ ପ୍ରଦର୍ଶିତ ହେବ।

(କ) ସଂପୃକ୍ତ ଜିଲ୍ଲାର ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ (ଖ) ଜିଲ୍ଲା ଶିକ୍ଷା ଅଧିକାରୀ (District Education Officer) ଙ୍କ କାର୍ଯ୍ୟାଳୟ

(ଗ) ସଂପୃକ୍ତ ଜିଲ୍ଲାପାଳ (କଲେକ୍ଟର)ଙ୍କ କାର୍ଯ୍ୟାଳୟ (ଘ) ସଂପୃକ୍ତ ଆଞ୍ଚଳିକ ଉପ ଆୟୁକ୍ତ ନବୋଦୟ ବିଦ୍ୟାଳୟ ସମିତିଙ୍କ କାର୍ଯ୍ୟାଳୟ ।

ସଫଳ ପ୍ରାର୍ଥୀମାନଙ୍କୁ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦ୍ୱାରା ରେଜେଷ୍ଟ୍ରୀ ଡାକ ଯୋଗେ ଫଳ ଜଣାଇ ଦିଆଯିବ। ଏହି ପରୀକ୍ଷାର ଫଳାଫଳ ସମିତିର ୱେବସାଇଟ୍ (http://www.nvshq.org) ରେ ମଧ୍ୟ ପ୍ରଦର୍ଶିତ ହେବ।

## ୩. ଚୟନ ଓ ପ୍ରବେଶ

୩. କ) ଏହି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ/ଯୋଗ୍ୟ ବିବେଚିତ ହେଲେ ଜବାହର ନବୋଦୟ ବିଦ୍ୟାଳୟରେ ନାମ ଲେଖା/ପ୍ରବେଶ (Admission) ଯେ ସ୍ୱତଃସିଦ୍ଧ, ସେ ଅଧିକାର ପ୍ରାର୍ଥୀ ଦାବି କରିପାରିବେ ନାହିଁ। ପ୍ରକୃତ ନାମ ଲେଖା/ପ୍ରବେଶ ସମୟରେ ନବୋଦୟ ବିଦ୍ୟାଳୟ ସମିତି ଦ୍ୱାରା ନିର୍ଦ୍ଧାରିତ ପ୍ରମାଣ ପତ୍ର/ଦସ୍ତାବିଜ ପ୍ରତ୍ୟେକ ମନୋନୀତ ପ୍ରାର୍ଥୀଙ୍କୁ ଦାଖଲ କରିବାକୁ ହେବ। ସେ ପର୍ଯ୍ୟନ୍ତ ଚୟନ (Selection) ସାମୟିକ (Provisional) ଅଟେ।

୩. ଖ) କୌଣସି ବିବାଦୀୟ ପରିସ୍ଥିତିରେ ନବୋଦୟ ବିଦ୍ୟାଳୟ ସମିତିର ନିଷ୍ପତ୍ତି ଚୂଡ଼ାନ୍ତ ଓ ଅପରିହାର୍ଯ୍ୟ ଏବଂ ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଇଁ ଏହା ଗ୍ରହଣୀୟ ହେବ।

୩. ଗ) ମନୋନୀତ (Selected) ହୋଇଥିବା ଓ ହୋଇ ନ ଥିବା ପ୍ରାର୍ଥୀମାନଙ୍କୁ ଫଳାଫଳ ନମ୍ବର ଜଣାଇ ଦିଆଯିବ ନାହିଁ।

୩. ଘ) ଉତ୍ତର ପୁସ୍ତିକାଗୁଡ଼ିକର ପୁନର୍ମୂଲ୍ୟାୟନ (Re-evaluation) ର କୌଣସି ବ୍ୟବସ୍ଥା ନାହିଁ। ଏହି ଫଳାଫଳ କମ୍ପ୍ୟୁଟର ମାଧ୍ୟମରେ ପ୍ରସ୍ତୁତ କରାଯାଉଥିବାରୁ ଏବଂ ପ୍ରତ୍ୟେକ ସ୍ତରରେ ସଠିକତା ରକ୍ଷା କରିବା ନିମନ୍ତେ ଯତ୍ ପରୋନାସ୍ତି ସତର୍କତା ଓ ସଠିକ୍ ମୂଲ୍ୟାଙ୍କନ ପଦ୍ଧତି ଅବଲମ୍ବନ କରାଯାଉଥିବାରୁ ନମ୍ବର ଆଉ ଥରେ ମିଶାଇବା (Re-totalling) ଅନୁରୋଧକୁ ମଧ୍ୟ ଗ୍ରହଣ କରାଯିବ ନାହିଁ।

୩. ଙ) ପ୍ରତ୍ୟେକ ପ୍ରାର୍ଥୀ ଓ ସେମାନଙ୍କ ପିତାମାତା/ଅଭିଭାବକମାନେ ଜାଣିରଖିବା ଉଚିତ୍ ଯେ, ଜାତୀୟ ସଂହତିର ବିକାଶ ନିମନ୍ତେ ଏବଂ ନବୋଦୟ ବିଦ୍ୟାଳୟ ପରିଯୋଜନାର ନିୟମାନୁସାରେ ବିଦ୍ୟାର୍ଥୀ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ, ସେ ଗୋଟିଏ ଜବାହର ନବୋଦୟ ବିଦ୍ୟାଳୟରୁ ଅନ୍ୟ ଏକ ଜବାହର ନବୋଦୟ ବିଦ୍ୟାଳୟକୁ ଏକ ବର୍ଷ ପାଇଁ ସ୍ଥାନାନ୍ତର (Migration) ହେବେ। ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଥିବା ନବୋଦୟ ବିଦ୍ୟାଳୟରୁ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଥିବା ନବୋଦୟ ବିଦ୍ୟାଳୟକୁ ଏବଂ ତଦନୁରୂପ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଥିବା ନବୋଦୟ ବିଦ୍ୟାଳୟରୁ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଥିବା ନବୋଦୟ ବିଦ୍ୟାଳୟକୁ ସ୍ଥାନାନ୍ତରଣ କରାଯିବ। ସ୍ଥାନାନ୍ତର ପାଇଁ ନିର୍ବାଚିତ ଛାତ୍ରଛାତ୍ରୀ ସ୍ଥାନାନ୍ତର (Migration) ପାଇଁ ଅନିଚ୍ଛା ପ୍ରକାଶ କଲେ ତାଙ୍କୁ ଜବାହର ନବୋଦୟ ବିଦ୍ୟାଳୟରେ ସେହି ବର୍ଷ ଠାରୁ ଅଧ୍ୟୟନ ପାଇଁ ସୁଯୋଗ ଦିଆଯିବ ନାହିଁ।

୩. ଚ) ପ୍ରାର୍ଥୀ/ପ୍ରାର୍ଥୀନୀ ତଥା ସେମାନଙ୍କର ପିତାମାତା/ଅଭିଭାବକମାନେ ଜାଣିରଖିବା ଉଚିତ୍ ଯେ, ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମନୋନୀତ ଛାତ୍ରଛାତ୍ରୀ, ଯେଉଁ ଜିଲ୍ଲାରୁ ପ୍ରବେଶିକା ପରୀକ୍ଷା ଦେଇଥିବେ କେବଳ ସେହି ଜିଲ୍ଲାରେ ଅବସ୍ଥିତ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇ ପାରିବେ। କୌଣସି ପରିସ୍ଥିତିରେ ପ୍ରବେଶିକା ପରୀକ୍ଷାରେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଜବାହର ନବୋଦୟ ବିଦ୍ୟାଳୟରେ ନାମଲେଖା (Admission) ପାଇଁ ସୁଯୋଗ ଦିଆଯିବ ନାହିଁ। ସଂପୃକ୍ତ ଜବାହର ନବୋଦୟ ବିଦ୍ୟାଳୟର ଶୈକ୍ଷିକ ଭାଷା ମାଧ୍ୟମରେ ଭିନ୍ନତା କିମ୍ବା ପିତାମାତା/ଅଭିଭାବକମାନଙ୍କର ଅନ୍ୟ ଜିଲ୍ଲା/ରାଜ୍ୟକୁ ସ୍ଥାନାନ୍ତର (Transfer) କରିବା ପାଇଁ ଅନୁରୋଧ ଗ୍ରହଣ କରାଯିବ ନାହିଁ।

୩. ଛ) ଅନୁସୂଚିତ ଜାତି, ଜନଜାତିର ପ୍ରାର୍ଥୀମାନଙ୍କୁ ପ୍ରକୃତ ନାମଲେଖା (Admission) ସମୟରେ ଜାତିଗତ ପ୍ରମାଣ ପତ୍ର ଦାଖଲ କରିବାକୁ ପଡିବ। ଏହି ପ୍ରମାଣ ପତ୍ର ଉପଯୁକ୍ତ (Competent)ଅଧିକାରୀଙ୍କଠାରୁ ସଂପୃକ୍ତ ଶିକ୍ଷା ବର୍ଷର ମେ ମାସ ୧୫ ତାରିଖ ପୂର୍ବରୁ ପ୍ରାର୍ଥୀ ନେଇଥିବେ। ଫଳରେ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାହା ଦାଖଲ କରିପାରିବେ।

୩. ଜ) ଭିନ୍ନକ୍ଷମ (ଶାରୀରିକ, ଦୃଷ୍ଟି ଓ ଶ୍ରବଣ) ପ୍ରାର୍ଥୀମାନେ ନାମ ଲେଖା ସମୟରେ ମୁଖ୍ୟ ଚିକିତ୍ସାଧାରୀ (C.D.M.O.)ଙ୍କ ଠାରୁ ଉପଯୁକ୍ତ ପ୍ରମାଣ ପତ୍ର ପ୍ରଦାନ କରିବେ।

୩. ଝ) ଭିନ୍ନକ୍ଷମ (ଶାରୀରିକ, ଦୃଷ୍ଟି ଓ ଶ୍ରବଣ) ପ୍ରାର୍ଥୀମାନେ ପଞ୍ଚମ ଶ୍ରେଣୀରେ ପଢୁଥିବା ସମୟରେ, ସେମାନଙ୍କର ବିଦ୍ୟାଳୟ ଯେଉଁ ଜିଲ୍ଲାରେ ଅବସ୍ଥିତ, ସେହି ଜିଲ୍ଲା ଏବଂ ସେମାନଙ୍କର ଅଭିଭାବକ ଯେଉଁ ଜିଲ୍ଲାରେ ଅବସ୍ଥାନ କରୁଛନ୍ତି, ସେହି ଜିଲ୍ଲାରୁ ମଧ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ।

୩. ଞ) ତୃତୀୟ ଲିଙ୍ଗ (TG) ପ୍ରାର୍ଥୀମାନେ ପଞ୍ଚମ ଶ୍ରେଣୀରେ ନିୟମିତ ଭାବରେ ପଢୁଥିବା ସମୟରେ ସେମାନଙ୍କର ବିଦ୍ୟାଳୟ ଯେଉଁ ଜିଲ୍ଲାରେ ଅବସ୍ଥିତ ସେହି ଜିଲ୍ଲାରୁ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେମାନେ ସେମାନଙ୍କର ଲିଙ୍ଗଗତ ପ୍ରମାଣପତ୍ର ରାଜ୍ୟ ସରକାରଙ୍କର ଉପଯୁକ୍ତ ଅଧିକାରୀଙ୍କ ଠାରୁ ହାସଲ କରି ଦାଖଲ କରିବା ଆବଶ୍ୟକ ଅଟେ। ଏହି ବର୍ଗର ପ୍ରାର୍ଥୀମାନଙ୍କ ପାଇଁ କୌଣସି ସଂରକ୍ଷଣର ସୁବିଧା ନାହିଁ।

## ୪. କେଉଁମାନେ ଯୋଗ୍ୟ

**ସମସ୍ତ ପ୍ରାର୍ଥୀଙ୍କ ପାଇଁ**

୪. କ) ଯେଉଁ ଜିଲ୍ଲାରେ ନବୋଦୟ ବିଦ୍ୟାଳୟ ସ୍ଥାପିତ ହୋଇଛି, କେବଳ ସେହି ଜିଲ୍ଲାର ଛାତ୍ରଛାତ୍ରୀମାନେ ଏହି ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ କରିପାରିବେ। କିନ୍ତୁ ଯେଉଁ ଜିଲ୍ଲାଗୁଡ଼ିକରେ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପିତ ହେବା ପରେ ଜିଲ୍ଲା ବିଭକ୍ତ ହୋଇ ନୂତନ ଜିଲ୍ଲା ସୃଷ୍ଟି ହୋଇଛି ଏବଂ ନୂତନ ଜିଲ୍ଲାରେ ନବୋଦୟ ବିଦ୍ୟାଳୟ ସ୍ଥାପିତ ହୋଇନାହିଁ, ସେହି ଜିଲ୍ଲାର ପ୍ରାର୍ଥୀ ଅବିଭକ୍ତ ଜିଲ୍ଲାସ୍ଥିତ ନବୋଦୟ ବିଦ୍ୟାଳୟରେ ନିଜ ପ୍ରାର୍ଥୀପତ୍ର ଦାଖଲ କରିପାରିବେ।

୪. ଖ) ପ୍ରାର୍ଥୀ ତା ୦୧.୦୫.୨୦୦୪ ପୂର୍ବରୁ କିମ୍ବା ୩୦.୦୪.୨୦୦୮ ପରେ ଜନ୍ମ ହୋଇ ନଥିବେ। ଏହି ନିୟମ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ତଥା ସମସ୍ତ ବର୍ଗର ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ। ବୟସ ଅଧିକ କିମ୍ବା କମ୍ ବୋଲି ସନ୍ଦେହ ଜାତ ହେଲେ ପ୍ରକୃତ ବୟସ ନିରୂପଣ ପାଇଁ ସେମାନଙ୍କୁ Medical Board ଦ୍ୱାରା ପରୀକ୍ଷା କରାଯିବ। Medical Board ର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସ୍ୱୀକାର୍ଯ୍ୟ।

୪. ଗ) ଆବେଦନ ପାଇଁ ପ୍ରାର୍ଥୀ ସେହି ଜିଲ୍ଲାରେ ଯେ କୌଣସି ସରକାରୀ/ସରକାରୀ ସାହାଯ୍ୟ ପ୍ରାପ୍ତ/ପଞ୍ଜିତ ଅଥବା ଭାରତ ସରକାରଙ୍କର ସର୍ବଶିକ୍ଷା ଅଭିଯାନ ଯୋଜନା ଅନ୍ତର୍ଭୁକ୍ତ ବିଦ୍ୟାଳୟରେ ୨୦୧୬-୧୭ ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀରେ ଗୋଟିଏ ସଂପୂର୍ଣ୍ଣ ଶିକ୍ଷାବର୍ଷ ନିଶ୍ଚୟ ପଢ଼ିଥିବେ। ସେହି ଜିଲ୍ଲାରେ ଅବସ୍ଥିତ 'ସର୍ବଶିକ୍ଷା ଅଭିଯାନ' ଯୋଜନା ଅନ୍ତର୍ଭୁକ୍ତ କୌଣସି ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ କିମ୍ବା ସେହି ଜିଲ୍ଲାରେ ଥିବା କୌଣସି ଜାତୀୟ ମୁକ୍ତ ବିଦ୍ୟାଳୟ ଅନୁଷ୍ଠାନରୁ ପ୍ରାର୍ଥୀ 'ବି' (B) ପ୍ରମାଣପତ୍ର ହାସଲ କରିଥିଲେ ମଧ ଆବେଦନ କରିପାରିବେ। କିନ୍ତୁ ସେହି ଅନୁଷ୍ଠାନ ସରକାରୀ କିମ୍ବା ସରକାରୀ କ୍ଷମତା ପ୍ରାପ୍ତ ସଂସ୍ଥାଦ୍ୱାରା ପ୍ରଯୋଜିତ ହୋଇଥିବା ବାଞ୍ଛନୀୟ। ପ୍ରାର୍ଥୀ ଜାତୀୟ ମୁକ୍ତ ବିଦ୍ୟାଳୟ ଅନୁଷ୍ଠାନରୁ 'ବି' (B) ପ୍ରମାଣ ପତ୍ର ହାସଲ କରିଥିଲେ ତାହା NIOS ଦ୍ୱାରା ସ୍ୱୀକୃତି ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ୨୦୧୭-୧୮ ଶିକ୍ଷା ବର୍ଷରେ ପ୍ରକୃତ ନାମଲେଖାଇବା ପାଇଁ ସେ ୨୦୧୬-୧୭ ଶିକ୍ଷାବର୍ଷରେ ସଫଳତାର ସହିତ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବାଞ୍ଛନୀୟ।

୪. (ଘ) ଗ୍ରାମାଞ୍ଚଳରେ ଅବସ୍ଥିତ ସରକାରୀ/ସରକାରୀ ସାହାଯ୍ୟ ପ୍ରାପ୍ତ/ସ୍ୱୀକୃତି ମାନ୍ୟତା ପ୍ରାପ୍ତ ବିଦ୍ୟାଳୟରୁ ୩ୟ, ୪ର୍ଥ ଓ ୫ମ ଶ୍ରେଣୀରେ ସଂପୂର୍ଣ୍ଣ ଶିକ୍ଷାବର୍ଷ (ଏକବର୍ଷ ଲେଖାଏଁ) (Full Academic Session) ପଢ଼ିଥିଲେ ହିଁ ପ୍ରାର୍ଥୀ ଗ୍ରାମାଞ୍ଚଳ ପ୍ରାର୍ଥୀ ରୂପେ ବିବେଚିତ ହେବେ।

୪. (ଙ) ସର୍ବଶିକ୍ଷା ଅନ୍ତର୍ଭୁକ୍ତ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା / NIOS ଦ୍ୱାରା ସ୍ୱୀକୃତି ଜାତୀୟ ମୁକ୍ତ ବିଦ୍ୟାଳୟରୁ 'ବି' (B) ପ୍ରମାଣପତ୍ର ହାସଲ କରିବାକୁ ଯାଉଥିବା ଛାତ୍ରଛାତ୍ରୀ ଯଦି <u>୩୦ ସେପ୍ଟେମ୍ବର, ୨୦୧୬</u> କିମ୍ବା ତାହା ପୂର୍ବରୁ ପଞ୍ଚମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ, ତା ହେଲେ ସେମାନେ ପ୍ରବେଶ ପରୀକ୍ଷାରେ ଯୋଗଦେଇପାରିବେ । କିନ୍ତୁ ସେମାନେ ପୂର୍ବ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜନ୍ମ ହୋଇଥିବା ଦରକାର । ଏହିସବୁ ପ୍ରାର୍ଥୀମାନଙ୍କର ଆବେଦନ ପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କଦ୍ୱାରା ଯାଞ୍ଚ କରାଯିବ । ଗ୍ରାମାଞ୍ଚଳ ପ୍ରାର୍ଥୀଙ୍କ ପାଇଁ ସଂପୃକ୍ତ ଅଞ୍ଚଳରେ ତହସିଲଦାର କିମ୍ବା ଜିଲ୍ଲାପାଳ ପ୍ରାର୍ଥୀ ଗତ ୩ ବର୍ଷ ଧରି ଗ୍ରାମାଞ୍ଚଳରେ ରହୁଛନ୍ତି ବୋଲି ପ୍ରମାଣପତ୍ର ଦେବେ । କିନ୍ତୁ ଯଦି ପ୍ରାର୍ଥୀ ସହରାଞ୍ଚଳ କିମ୍ବା ବିଜ୍ଞାପିତ ଅଞ୍ଚଳସ୍ଥିତ ଅନୁଷ୍ଠାନମାନଙ୍କରେ ପଢ଼ିଥିବେ, ତାହେଲେ ପ୍ରାର୍ଥୀ ଗ୍ରାମାଞ୍ଚଳର ପ୍ରାର୍ଥୀରୂପେ ବିବେଚିତ ହେବେ ନାହିଁ।

୪. (ଚ) ଯେଉଁ ପ୍ରାର୍ଥୀ ୧୫ ସେପ୍ଟେମ୍ବର, ୨୦୧୬ ପୂର୍ବରୁ ୫ମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ଏବଂ ପଞ୍ଜିକୃତ (Admission) ହୋଇ ନଥିବେ, ସେମାନେ ଏହି ଚୟନ (JNVST) ପରୀକ୍ଷା ଦେଇପାରିବେ ନାହିଁ।

୪. **(ଛ) କୌଣସି ପରିସ୍ଥିତିରେ ବି ପ୍ରାର୍ଥୀ ଏହି ଚୟନ ପରୀକ୍ଷା (JNVST) ଦ୍ୱିତୀୟଥର ଦେଇପାରିବେ ନାହିଁ।**

**୫. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ପିତା ମାତାମାନଙ୍କୁ ନାମଲେଖା ସମୟରେ ନିମ୍ନଲିଖିତ ପ୍ରମାଣ ପତ୍ର ଗୁଡ଼ିକ ଦାଖଲ କରିବା ବାଧ୍ୟତାମୂଳକ ଅଟେ।**

୧. ସତ୍ୟପାଠ (Affidavit) / ବାସସ୍ଥାନର ପ୍ରମାଣପତ୍ର ତଥା ଜବାହର ନବୋଦୟ ବିଦ୍ୟାଳୟ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ନଥିପତ୍ର ବିଦ୍ୟାଳୟଦ୍ୱାରା ପ୍ରଦତ୍ତ ଏକ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ପୂରଣ ହୋଇଥିବା ଦରକାର।

୨. ଗ୍ରାମାଞ୍ଚଳ କୋଟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ଅଭିଭାବକଙ୍କୁ ଏକ ସତ୍ୟପାଠ (Affidavit) କରିବାକୁ ହେବ ଯେ ପ୍ରାର୍ଥୀ ଗ୍ରାମାଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ ୩ୟ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଛନ୍ତି ଏବଂ ଗ୍ରାମାଞ୍ଚଳରେ ରହୁଛନ୍ତି।

**ଗ୍ରାମାଞ୍ଚଳ ପ୍ରାର୍ଥୀଙ୍କ ନିମନ୍ତେ :**

(କ) ନିର୍ଦ୍ଧାରିତ ସ୍ଥାନ (Seat) ର ସର୍ବନିମ୍ନ ଶତକଡା ୭୫ ଭାଗ ଗ୍ରାମାଞ୍ଚଳରୁ ମନୋନୀତ ପ୍ରାର୍ଥୀମାନଙ୍କ ଦ୍ୱାରା ଏବଂ ଅବଶିଷ୍ଟ ସ୍ଥାନ ସହରାଞ୍ଚଳ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ।

(ଖ) ଗ୍ରାମାଞ୍ଚଳ କୋଟା ଅନ୍ତର୍ଗତ ପ୍ରାର୍ଥୀ ଗ୍ରାମାଞ୍ଚଳରେ ଅବସ୍ଥିତ ସ୍ୱୀକୃତି ପ୍ରାପ୍ତ/ମାନ୍ୟତା ପ୍ରାପ୍ତ ବିଦ୍ୟାଳୟମାନଙ୍କରୁ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ବିନା ବିରତିରେ ସଂପୂର୍ଣ୍ଣ ଶିକ୍ଷାବର୍ଷ (Full Academic Session) ପଢ଼ି ଉତ୍ତୀର୍ଣ୍ଣ ହୋଇଥିବେ।

(ଗ) ଗ୍ରାମାଞ୍ଚଳ ଅନ୍ତର୍ଗତ ସମସ୍ତ ପ୍ରାର୍ଥୀ ତଥା ସର୍ବଶିକ୍ଷା ଅଭିଯାନ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ଅନ୍ତର୍ଗତ ବିଦ୍ୟାଳୟ ପ୍ରତିଷ୍ଠାନର ପ୍ରାର୍ଥୀମାନଙ୍କୁ ଜିଲ୍ଲାପାଳ/ତହସିଲ୍‌ଦାର/ଗୋଷ୍ଠୀ ଉନ୍ନୟନ ଅଧିକାରୀ (B.D.O.)ଙ୍କ ଠାରୁ ଗ୍ରାମାଞ୍ଚଳ ସମ୍ପର୍କିତ ପ୍ରମାଣପତ୍ର ନାମଲେଖା ସମୟରେ ଦାଖଲ କରିବାକୁ ହେବ।

**ସହରାଞ୍ଚଳ ପ୍ରାର୍ଥୀଙ୍କ ନିମନ୍ତେ :**

ପ୍ରାର୍ଥୀ ୩ୟ, ୪ର୍ଥ ଓ ୫ମ ଶ୍ରେଣୀ ଶିକ୍ଷାବର୍ଷ ମଧରୁ ଦିନଟିଏ ହେଲେ ମଧ୍ୟ ସହରାଞ୍ଚଳରେ ଅବସ୍ଥିତ କୌଣସି ବିଦ୍ୟାଳୟରେ ପଢ଼ିଥିଲେ ସେମାନେ ସହରାଞ୍ଚଳ ପ୍ରାର୍ଥୀରୂପେ ବିବେଚିତ ହେବେ। ଯେଉଁ ଅଞ୍ଚଳ ଗୁଡ଼ିକ ୨୦୧୧ ମସିହା ଜନଗଣନାରେ ଅଥବା ପରବର୍ତ୍ତୀ କୌଣସି ସରକାରୀ ବିଜ୍ଞପ୍ତି ଦ୍ୱାରା ସହରାଞ୍ଚଳ ବୋଲି ଘୋଷିତ ହୋଇଛି ସେଗୁଡ଼ିକ ବାଦ୍ ଦେଲେ ଅନ୍ୟସବୁ ଅଞ୍ଚଳ ଗ୍ରାମାଞ୍ଚଳରୂପେ ବିବେଚିତ ହେବ।

**ତୃତୀୟ ଲିଙ୍ଗ ( TG ) ପ୍ରାର୍ଥୀଙ୍କ ନିମନ୍ତେ :**

ତୃତୀୟ ଲିଙ୍ଗ ( TG ) ପ୍ରାର୍ଥୀମାନଙ୍କ ନିମନ୍ତେ କୌଣସି ସଂରକ୍ଷଣର ସୁବିଧା ନାହିଁ। ସେମାନେ ବାଳକ ବିଭାଗରେ ଏବଂ ବିଭିନ୍ନ ବର୍ଗ ଯଥା ଗ୍ରାମାଞ୍ଚଳ, ସହରାଞ୍ଚଳ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଭିନ୍ନକ୍ଷମ ବିଭାଗରେ ଗଣିତ ହେବେ।

**ସ୍ଥାନ ସଂରକ୍ଷଣ :**

(କ) ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଜିଲ୍ଲା ନିମିତ୍ତ ସ୍ଥାନ ସଂଖ୍ୟା ମଧ୍ୟରୁ ନ୍ୟୁନତମ ଶତକଡା ୭୫ ଭାଗ ଗ୍ରାମାଞ୍ଚଳର ପ୍ରାର୍ଥୀଙ୍କ ପାଇଁ ଏବଂ ଅବଶିଷ୍ଟ ସ୍ଥାନ ସେହି ଜିଲ୍ଲାର ସହରାଞ୍ଚଳ ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ।

(ଖ) ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀ ନିମନ୍ତେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ନିର୍ଦ୍ଦିଷ୍ଟ ଜିଲ୍ଲାର ଜନସଂଖ୍ୟାର ଅନୁପାତ ଅନୁଯାୟୀ ସ୍ଥିର କରାଯାଇଛି। କୌଣସି ଜିଲ୍ଲାର ସ୍ଥାନ ସଂରକ୍ଷଣ ଜାତୀୟ ସ୍ତରରୁ (୧୫% ଅନୁସୂଚିତ ଜାତି ପାଇଁ) ଏବଂ ୭.୫% ଅନୁସୂଚିତ ଜନଜାତି ପାଇଁ କମ୍ ହେବ ନାହିଁ ଏବଂ ତାହା ସର୍ବାଧିକ ୫୦% ଉଭୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିରୁ ଏକତ୍ର ଭାବେ ନିଆଯିବ। ସେହି ସଂରକ୍ଷଣ ଉଭୟ (SC & ST) ପରସ୍ପର ଅଦଳବଦଳ କରାଯାଇପାରିବ। ମୋଟାମୋଟି ଭାବେ ଉଭୟ ପ୍ରାର୍ଥୀଙ୍କୁ ମେଧା ଅନୁସାରେ ଚୟନ କରାଯିବ।

(ଗ) ସମୁଦାୟ ସ୍ଥାନ ସଂଖ୍ୟାର ଏକ ତୃତୀୟାଂଶ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ।

(ଘ) ଭିନ୍ନକ୍ଷମ (ଶାରୀରିକ, ଦୃଷ୍ଟି ଓ ଶ୍ରବଣ) ପ୍ରାର୍ଥୀଙ୍କ ପାଇଁ ୩% ସ୍ଥାନ ସଂରକ୍ଷଣର ସୁବିଧା ରହିଛି।

ନିମ୍ନଲିଖିତ ଅବସ୍ଥା ଗୁଡିକ ଦୃଷ୍ଟି ଅପକୃଷ୍ଟର **(Visually Impaired)** ଅନ୍ତର୍ଭୁକ୍ତ କରାଯାଇଛି।

କ. ସମ୍ପୂର୍ଣ୍ଣ ଦୃଷ୍ଟିହୀନ

ଖ. ଲେନ୍ସ ସହିତ ଭଲ ଆଖିର ଦୃଷ୍ଟିଶକ୍ତି ୬/୬୦ କିମ୍ବା ୨୦/୨୦୦ (Snellen) ଅଧିକ ହୋଇନଥିଲେ।

ଗ. ଦୃଷ୍ଟି ପରିଧି ୨୦ଡିଗ୍ରୀ ସ୍ବ କୋଣ କିମ୍ବା ତା'ଠାରୁ ଅଧିକ ହରାଇଥିଲେ।

**ଶ୍ରବଣ ବିକୃତି :-** ୬୦ଡେସିବେଲ୍ କିମ୍ବା ତା ଠାରୁ ଅଧିକ ଶୁଣି ପାରୁନଥିବା ପିଲାମାନଙ୍କୁ ଶ୍ରବଣ ବିକୃତି ରୂପେ ଗ୍ରହଣ କରାଯିବ।

**ଶାରିରୀକ ବିକଳାଙ୍ଗ :-** 'ଲୋକୋମୋଟର ଅକ୍ଷମତା' ଅର୍ଥାତ୍ ହାତ ଗଣ୍ଠି କିମ୍ବା ମାଂସପେଶୀ ଚଳନ ଶକ୍ତି ହରାଇ ଅଙ୍ଗ ପ୍ରତ୍ୟଙ୍ଗ ଚଳନରେ ଅସୁବିଧା ଘଟୁଥିଲେ କିମ୍ବା ଅନ୍ୟ ଯେକୌଣସି ପ୍ରକାର ସ୍ନାୟବିକ ଅକ୍ଷମତା (Cerebral Palsy) ଭୋଗୁଥିଲେ ପ୍ରାର୍ଥୀ ଶାରିରୀକ ବିକଳାଙ୍ଗ ବୋଲି ବିବେଚିତ ହେବେ।

ଜିଲ୍ଲା ଚିକିତ୍ସା ଅଧିକାରୀ ଯେକୌଣସି ଅକ୍ଷମତାକୁ ୪୦% ବା ତଦୁର୍ଦ୍ଧ ବୋଲି ପ୍ରମାଣିତ କଲେ ପ୍ରାର୍ଥୀଙ୍କୁ ଶାରୀରିକ ଭିନ୍ନକ୍ଷମ ବୋଲି ବିବେଚନା କରାଯିବ।

## ୫. ପ୍ରବେଶ ପରୀକ୍ଷା ସମ୍ବନ୍ଧରେ

**୧. ପରୀକ୍ଷା କେନ୍ଦ୍ର :**

ପ୍ରବେଶ ପତ୍ରରେ ପ୍ରାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ କେନ୍ଦ୍ରରେ ହିଁ ପ୍ରାର୍ଥୀ ପ୍ରବେଶ ପରୀକ୍ଷା ଦେଇପାରିବେ। ପ୍ରାର୍ଥୀ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ର ବ୍ୟତୀତ ଅନ୍ୟ କୌଣସି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇପାରିବେ ନାହିଁ। ପରୀକ୍ଷା କେନ୍ଦ୍ରର ପରିବର୍ତ୍ତନ ନିମନ୍ତେ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ। ପ୍ରବେଶ ପତ୍ର ବିନା କୌଣସି ପ୍ରାର୍ଥୀ ଏହି ପରୀକ୍ଷା ଦେଇପାରିବେ ନାହିଁ। ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ଏହି ପ୍ରବେଶ ପତ୍ର ଦେବାପାଇଁ କ୍ଷମତାପ୍ରାପ୍ତ ଅଧିକାରୀ।

**୨. ପରୀକ୍ଷା ମାଧ୍ୟମ :**

ପ୍ରାର୍ଥୀ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଭାଷାହିଁ ପ୍ରବେଶିକା ପରୀକ୍ଷାର ମାଧମ ହେବ । ପ୍ରାର୍ଥୀଙ୍କଦ୍ୱାରା ଆବେଦନ ପତ୍ରରେ ଦର୍ଶାଇଥିବା ମାଧମ/ ଭାଷାର ପ୍ରଶ୍ନପତ୍ର ପ୍ରବେଶିକା ପରୀକ୍ଷାରେ ଯୋଗାଇ ଦିଆଯିବ। ପରୀକ୍ଷା ପୁସ୍ତିକା (Test Booklet) ନିମ୍ନଲିଖିତ ଭାଷାରେ ଉପଲବ୍ଧ।

| | | | | |
|---|---|---|---|---|
| ୧. ଆସାମୀୟା | ୬. ଗୁଜରାଟୀ | ୧୧. ମଣିପୁରୀ | ୧୬. ସିନ୍ଧି (ଆରବିକ୍) | ୨୧. ନେପାଳୀ |
| ୨. ବଙ୍ଗଳା | ୭. ହିନ୍ଦୀ | ୧୨. ମରାଠୀ | ୧୭. ସିନ୍ଧି (ଦେବନାଗରୀ) | |
| ୩. ବୋଡ଼ୋ | ୮. କନ୍ନଡ଼ | ୧୩. ମିଜୋ | ୧୮. ତାମିଲ୍ | |
| ୪. ଇଂରାଜୀ | ୯. ଖାସୀ | ୧୪. ଓଡ଼ିଆ | ୧୯. ତେଲୁଗୁ | |
| ୫. ଗାରୋ | ୧୦. ମାଲାୟାଲାମ୍ | ୧୫. ପଞ୍ଜାବୀ | ୨୦. ଉର୍ଦ୍ଦୁ | |

**୩. ପରୀକ୍ଷାର ସଂରଚନା :**

ଏହି ପ୍ରବେଶ ପରୀକ୍ଷାର ସମୟ ସଂପୂର୍ଣ୍ଣ ଦୁଇଘଣ୍ଟା । ଏଥିରେ ତିନୋଟି ବିଭାଗରେ କେବଳ ବସ୍ତୁନିଷ୍ଠ ଓ ଉଦ୍ଦେଶ୍ୟମୂଳକ (Objective Type) ପ୍ରଶ୍ନାବଳୀ ଅଛି। ଏଥିରେ ୧୦୦ ଗୋଟି ପ୍ରଶ୍ନ ନିମନ୍ତେ ୧୦୦ ନମ୍ବର ଅଛି ଏବଂ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।

| ବିଭାଗ | ପ୍ରଶ୍ନ ସଂଖ୍ୟା | ନମ୍ବର | ସମୟ |
|---|---|---|---|
| ମାନସିକ ଦକ୍ଷତା ପରୀକ୍ଷା | ୫୦ | ୫୦ | ୬୦ ମିନିଟ୍ |
| ଗଣିତ ପରୀକ୍ଷା | ୨୫ | ୨୫ | ୩୦ ମିନିଟ୍ |
| ଭାଷା ପରୀକ୍ଷା | ୨୫ | ୨୫ | ୩୦ ମିନିଟ୍ |
| ମୋଟ | ୧୦୦ | ୧୦୦ ନମ୍ବର | ୨ ଘଣ୍ଟା |

ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଏହି ତିନୋଟି ବିଭାଗର ପ୍ରଶ୍ନ ସମ୍ବଳିତ ଏକ ପ୍ରଶ୍ନପୁସ୍ତିକା ଦିଆଯିବ।

**୪. ଉତ୍ତର ଲେଖିବା ପ୍ରଣାଳୀ :**

(କ) ପ୍ରାର୍ଥୀମାନଙ୍କୁ ଅଲଗା ଉତ୍ତର-ପୁସ୍ତିକା (ICR/OCR Sheet) ଫର୍ଦ୍ଦ ଦିଆଯିବ । ପ୍ରାର୍ଥୀ ସେମାନଙ୍କର ଉତ୍ତରଗୁଡିକ ଏହି ଉତ୍ତର ପୁସ୍ତିକାର ଉପଯୁକ୍ତ ସ୍ଥାନରେ ଲେଖିବେ। ଉତ୍ତର ଫର୍ଦ୍ଦର ଏକ ଅବିକଳ ନକଲ ଏଥି ସହିତ ସଂଲଗ୍ନ କରାଯାଇଛି।

(ଖ) କେବଳ ବ୍ଲୁ / ବ୍ଲାକ୍ କଲମ ଦ୍ୱାରା ଉତ୍ତର ପୁସ୍ତିକା ପୂରଣ ହେବ। ପ୍ରାର୍ଥୀ ନିଜର ବଲ୍ ପେନ୍ ଆଣିବେ। ପେନ୍ସିଲ୍‌ର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ।

(ଗ) ପ୍ରଶ୍ନ ପତ୍ରରେ ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ସମ୍ଭାବ୍ୟ / ଅନୁମେୟ ଉତ୍ତର ଦିଆଯିବ। ଯେଉଁଥିରେ କେବଳ ଗୋଟିଏ ଉତ୍ତର ହିଁ ଠିକ୍। ପ୍ରାର୍ଥୀମାନେ ଠିକ୍ ଉତ୍ତରଟି ବାଛି ସେହି ଉତ୍ତର ସଂପୃକ୍ତ (1, 2, 3 କିମ୍ବା 4) ଖାଲିଥିବା ବାକ୍ସରେ ଲେଖିବେ । ଅନ୍ୟ କୌଣସି ଶୈଳୀ / ପ୍ରଣାଳୀରେ ଯଥା (✓), (କ), (A) ଉତ୍ତର ଦେଲେ ତାହା ଗ୍ରହଣ ଯୋଗ୍ୟ ହେବ ନାହିଁ। ଉଦାହରଣ ସ୍ୱରୂପ ଯଦି 37 ନମ୍ବର ପ୍ରଶ୍ନର ଉତ୍ତର 3 ହୋଇଥାଏ ତେବେ ଏହିପରି ଲେଖାଯିବ। 37 [3]

(ଘ) ଥରେ ଉତ୍ତର ଲେଖିସାରିବା ପରେ ତାହା ପରିବର୍ତ୍ତନ କରାଯାଇପାରିବ ନାହିଁ ଏବଂ ଉତ୍ତର କଟା ବା ଲିଭା ଯାଇ ପାରିବ ନାହିଁ।

(ଙ) ପ୍ରତ୍ୟେକ ସଠିକ୍ ଉତ୍ତର ନିମନ୍ତେ ଏକ ନମ୍ବର ଦିଆଯିବ।

(ଚ) ଭୁଲ ଉତ୍ତର ପାଇଁ ନମ୍ବର କଟିବ ନାହିଁ। (No Negative Marking)

**୫. ଆବଶ୍ୟକୀୟ ନିର୍ଦ୍ଦେଶାବଳୀ :**

(କ) ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପୂର୍ବରୁ ପ୍ରାର୍ଥୀ ଉତ୍ତର ପୁସ୍ତିକାର ଆବରଣ ପୃଷ୍ଠା (Cover Page) ରେ ପ୍ରତ୍ୟେକ ଭାଗ ଓ ଅନୁଭାଗରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ମନୋଯୋଗ ସହକାରେ ପଢ଼ିବେ।

(ଖ) ପ୍ରାର୍ଥୀମାନେ ଯେଉଁ ଭାଷାରେ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ, ସେହି ଭାଷାରେ ପ୍ରଶ୍ନପତ୍ର ସେମାନଙ୍କୁ ମିଳିଛି କି ନାହିଁ ପରୀକ୍ଷା ପୂର୍ବରୁ ଯାଞ୍ଚ କରିନେବେ। ପ୍ରାର୍ଥୀମାନେ ଆବେଦନ କରିଥିବା ଭାଷାରେ ପ୍ରଶ୍ନପତ୍ର ପାଇବା ସେମାନଙ୍କର ଦାୟିତ୍ୱ ଅନ୍ୟଥା ପରୀକ୍ଷା ସରିବା ପରେ କୌଣସି ଅଭିଯୋଗ ଗ୍ରହଣ ଯୋଗ୍ୟ ହେବ ନାହିଁ।

(ଗ) ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ପ୍ରାୟ ଏକ ମିନିଟ୍ ଲାଗିବ। ତେଣୁ କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବାକୁ ପ୍ରାର୍ଥୀ ଅଧିକ ସମୟ ନେବା ଉଚିତ୍ ନୁହେଁ। ଯଦି କୌଣସି ପ୍ରଶ୍ନର ଉତ୍ତର କଷ୍ଟକର ମନେ ହେଉଛି, ପ୍ରାର୍ଥୀ ସେହି ପ୍ରଶ୍ନ ଛାଡ଼ିଦେଇ ଅନ୍ୟ ପ୍ରଶ୍ନର ସମାଧାନ କରିବାକୁ ଚେଷ୍ଟା କରିବେ । ଏହା ଦ୍ୱାରା ସମୟ ବଞ୍ଚିବ। ଯେତେବେଳେ ପ୍ରାର୍ଥୀ ସବୁ ବିଭାଗରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇସାରିବେ, ସେତେବେଳେ ଛାଡ଼ିଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

(ଘ) କୌଣସି ବିରତି (Break) ବିନା ପରୀକ୍ଷା ସଂପୂର୍ଣ୍ଣ ୨ ଘଣ୍ଟା ହେବ। ପ୍ରତ୍ୟେକ ୩୦ ମିନିଟ୍ ପରେ ଗୋଟିଏ ଘଣ୍ଟି ବାଜିବ।

(ଙ) ଏହି ପରୀକ୍ଷାରେ ତିନୋଟି ବିଭାଗରେ ପୃଥକ ଭାବରେ ଯୋଗ୍ୟତା ହାସଲ କରିବା ଆବଶ୍ୟକ। ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଛି ଯେ, ସେମାନେ ଯେପରି କୌଣସି ଗୋଟିଏ ପ୍ରଶ୍ନ ବିଭାଗର ଉତ୍ତର ଦେବାକୁ ନିର୍ଦ୍ଦିଷ୍ଟ ସମୟରୁ ଅଧିକ ସମୟ ବ୍ୟୟ ନ କରନ୍ତି। ଅବଶ୍ୟ ସେମାନେ ନିଜର ସୁବିଧା ଅନୁଯାୟୀ ପୁରା ଦୁଇ ଘଣ୍ଟା ସମୟ ଉପଯୋଗ କରିପାରିବେ।

(ଚ) ପ୍ରବେଶ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପରେ କୌଣସି ପ୍ରାର୍ଥୀଙ୍କୁ କୋଠରୀରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।

(ଛ) ବିନା ପ୍ରବେଶ ପତ୍ର (Admit Card) ରେ କୌଣସି ପ୍ରାର୍ଥୀଙ୍କୁ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ।

## ୬. ପରୀକ୍ଷାର ସ୍ୱରୂପ ଓ ପ୍ରଶ୍ନପତ୍ରର ନମୁନା

**ଭାଗ-୧ ମାନସିକ ଦକ୍ଷତା ପରୀକ୍ଷା (Mental Ability Test)**

ଏହା ଏକ ସମ୍ପୂର୍ଣ୍ଣ ଅଶାବ୍ଦିକ ପରୀକ୍ଷା (Non-Verbal Test)। ପ୍ରଶ୍ନଗୁଡ଼ିକ ବିଭିନ୍ନ ଚିତ୍ର ତଥା ରେଖାଙ୍କିତ ଚିତ୍ରଗୁଡ଼ିକ (Figures & Diagrams) ଉପରେ ଆଧାରିତ। ପ୍ରାର୍ଥୀଙ୍କର କେତେକ ଅନ୍ତର୍ନିହିତ ସମ୍ଭାବ୍ୟ ମାନସିକ ଦକ୍ଷତାର ପରିମାପନ ଏହି ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଭାଗ ପୁନଶ୍ଚ ୧୦ ଗୋଟି ଅନୁଚ୍ଛେଦରେ ବିଭକ୍ତ ଏବଂ ପ୍ରତ୍ୟେକ ଅନୁଚ୍ଛେଦରେ ବିଭିନ୍ନ ଭାଗରେ ୫ଟି ପ୍ରଶ୍ନ ଅଛି । ନିମ୍ନରେ ଏହି ପ୍ରକାର ଭେଦର ପ୍ରତ୍ୟେକରୁ କିଛି ଉଦାହରଣ ପ୍ରାର୍ଥୀମାନଙ୍କର ଅବଗତି ନିମନ୍ତେ ଦିଆଯାଇଛି।

**ପ୍ରକାର - ୧(ଭିନ୍ନ ଚିତ୍ର ବାଛିବା)**

ନିର୍ଦ୍ଦେଶ - ପ୍ରଶ୍ନ ୧ ଠାରୁ ୫ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ୪ ଗୋଟି ଚିତ୍ର ଦିଆଯାଇଛି। ଏହି ୪ଟି ଚିତ୍ର ମଧ୍ୟରୁ ୩ଟି ଚିତ୍ର କୌଣସି ନା କୌଣସି ଦୃଷ୍ଟିରୁ ଏକ ପ୍ରକାର ମାତ୍ର ୧ଟି ସମ୍ପୂର୍ଣ୍ଣ ଅଲଗା। ତାହା ତଳେ ଦିଆଯାଇଥିବା ସଂଖ୍ୟା ଚାରିପଟେ ଗୋଲ୍ ବୁଲାଅ।

ସମସ୍ୟା ଚିତ୍ର

ଉଦାହରଣ ୧



① 2 3 4

ଉତ୍ତର ଲେଖିବା ପ୍ରଣାଳୀ - ୧ [1]

ଉପରୋକ୍ତ ଉଦାହରଣରେ ତୁମେ ଦେଖିବ ଯେ ଚିତ୍ର ସଂଖ୍ୟା **2, 3** ଓ **4** ରେ ଦିଆଯାଇଥିବା ଚିତ୍ର ଗୁଡ଼ିକ ଏକପ୍ରକାରର ଅଟେ । କିନ୍ତୁ ପ୍ରଥମ ଚିତ୍ରଟି ଅଲଗାପ୍ରକାରର । ତେଣୁ ଚିତ୍ର ସଂଖ୍ୟା **1** ସଠିକ୍ ଉତ୍ତର ହେତୁ ଏହାର ଚାରିପଟେ ଗୋଲ୍ ବୁଲାଯାଇଛି।

**ପ୍ରକାର - ୨( ଚିତ୍ର ମିଳନ)**

ନିର୍ଦ୍ଦେଶ- ପ୍ରଶ୍ନ ୬ ରୁ ୧୦ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ବାମ ପାର୍ଶ୍ୱରେ ଗୋଟିଏ ସମସ୍ୟା ଚିତ୍ର ଓ ଡାହାଣପାର୍ଶ୍ୱରେ **1,2,3** ଓ **4** ସଂଖ୍ୟା ଚିହ୍ନିତ ଉତ୍ତର ଚିତ୍ରଗୁଡ଼ିକୁ ଦେଖ। ଏହି ଚିତ୍ରଗୁଡ଼ିକ ଦେଖିବାକୁ ପ୍ରାୟ ଏକ ପ୍ରକାର। ମାତ୍ର ଡାହାଣ ପାଖରେ ଥିବା ଉତ୍ତର ଚିତ୍ରମାନଙ୍କ ମଧ୍ୟରୁ କେବଳ ଗୋଟିଏ ଚିତ୍ର ବାମପାର୍ଶ୍ୱରେ ଥିବା ସମସ୍ୟା ଚିତ୍ର ସହିତ ସମ୍ପୂର୍ଣ୍ଣ ସମାନ। ଏହି ଚିତ୍ରଟିକୁ ଚିହ୍ନଟ କରି ତାହାର ତଳେ ଥିବା ସଂଖ୍ୟାର ଚାରିପଟେ ଗୋଲ ବୁଲାଇଦିଅ।

ସମସ୍ୟା ଚିତ୍ର

ଉଦାହରଣ ୨



ଉତ୍ତର ଚିତ୍ର



1 2 ③ 4

ଉତ୍ତର ଲେଖିବା ପ୍ରଣାଳୀ - ୨ [3]

ଉପରୋକ୍ତ ଉଦାହରଣରେ ଉତ୍ତର ଚିତ୍ର **3** ସମସ୍ୟା ଚିତ୍ର ସହିତ ସମାନ ହେତୁ ଏହାହିଁ ସଠିକ୍ ଉତ୍ତର। ତେଣୁ **3** ଚାରିପଟେ ଗୋଲ୍ ବୁଲାଯାଇଛି।

# ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା - ୨୦୧୭

ଆବେଦନ ପତ୍ର

**ବ୍ଲକ ଶିକ୍ଷା ଅଧିକାରୀଙ୍କର କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୧୬ ସେପ୍ଟେମ୍ବର ୨୦୧୬ ।**

ରୋଲ୍ ନମ୍ବର | | | | | | | | |

(ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ପୂରଣ ହେବ ।)

ପ୍ରାର୍ଥୀ ନିଜର ଏକ ପାସ୍ ପୋର୍ଟ ଆକାରର ଫଟୋ ଏଠାରେ

ପ୍ରାର୍ଥୀଙ୍କ ଫଟୋକୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପ୍ରମାଣିତ (Attested) କରାଇବେ ।

**ବିଶେଷ ଦ୍ରଷ୍ଟବ୍ୟ : ଆବେଦନ ପତ୍ର ପୂରଣ କରିବାକୁ ପ୍ରତ୍ୟେକ ସ୍ତମ୍ଭରେ ଥିବା ସୂଚନାକୁ (ଆବେଦନ ପତ୍ରରେ ଥିବା ଚତୁର୍ଥ ପୃଷ୍ଠାରେ) ନିର୍ମଳ ଏବଂ ସୁସ୍ପଷ୍ଟ ଭାବରେ ପଢ଼ନ୍ତୁ । ଅସମ୍ପୂର୍ଣ୍ଣ ଓ ଅସ୍ପଷ୍ଟ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।**

ପ୍ରଥମ ନାମ ମଧ୍ୟମ ନାମ ଉପନାମ

୧. ପ୍ରାର୍ଥୀଙ୍କ ନାମ....................................................................................................

୨. ନିମ୍ନୋକ୍ତ କୋଠରୀ ମଧ୍ୟରୁ ଉପଯୁକ୍ତ କୋଠରୀରେ (✓) ଚିହ୍ନ ଦିଅନ୍ତୁ ।

| ବାଳକ (BOY) | ବାଳିକା (GIRL) | ତୃତୀୟ ଲିଙ୍ଗ (TG) | ସାଧାରଣ (GEN) | ଓ.ବି.ସି. (OBC) | ଅନୁସୂଚିତ ଜାତି (SC) | ଅନୁସୂଚିତ ଜନଜାତି (ST) | ଗ୍ରାମାଞ୍ଚଳ (RURAL) | ସହରାଞ୍ଚଳ (URBAN) | ଶାରୀରିକ ଅକ୍ଷମ (PH) | ଦୃଷ୍ଟି ବିକଳାଙ୍ଗ (VI) | ଶ୍ରବଣ ବିକଳାଙ୍ଗ (HI) |
|---|---|---|---|---|---|---|---|---|---|---|---|
| ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ |

୩. ବିଦ୍ୟାଳୟ ପ୍ରମାଣପତ୍ର ଅନୁସାରେ ଜନ୍ମତାରିଖ (ଅଙ୍କରେ) ତାରିଖ | | | ମାସ | | | ବର୍ଷ | | | | |

(ଶବ୍ଦରେ ........................................................................................................................)

୪. ପିତାଙ୍କ ନାମ ...........................................................................................................................

୫. (କ) ମାତାଙ୍କ ନାମ...........................................................................................................................

(ଖ) ଅଭିଭାବକଙ୍କ ନାମ...........................................................................................................................

(ଗ) ଯଦି ଅଭିଭାବକ, ପିତା/ମାତାଙ୍କ ଠାରୁ ଭିନ୍ନ, ପ୍ରାର୍ଥୀଙ୍କ ସହ ସମ୍ପର୍କ.................................................................

(ଘ) ପିତାଙ୍କ / ମାତାଙ୍କ ବୃତ୍ତି.................................................. (ଙ) ପିତା/ମାତାଙ୍କ ବାର୍ଷିକ ଆୟ ....................................

୬. (କ) ଯୋଗାଯୋଗ ପାଇଁ ଠିକଣା - ଗ୍ରାମ/ସାହି.............................ଡାକଘର.............................ଥାନା...............................
ବ୍ଲକ୍.............................................ଜିଲ୍ଲା.....................................ପିନ୍ କୋଡ୍ | | | | | | |

(ଖ) ସ୍ଥାୟୀ ଠିକଣା - ଗ୍ରାମ/ସାହି.............................ଡାକଘର.............................ଥାନା...............................
ବ୍ଲକ୍.............................................ଜିଲ୍ଲା.....................................ପିନ୍ କୋଡ୍ | | | | | | |

(ଗ) ଯୋଗାଯୋଗ ଫୋନ୍ ନଂ (୧)...............................(୨)...........................................ଇମେଲ୍.............................

୭. ଜାତୀୟତା (Nationality).............................................. ଧର୍ମ (Religion)..............................................

୮. ଯେଉଁ ବିଦ୍ୟାଳୟରେ ପ୍ରାର୍ଥୀ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ତାହାର ବିବରଣୀ ।
**(ପ୍ରାର୍ଥୀ ସମସ୍ତ ସ୍ତମ୍ଭର ବିବରଣୀ ସଠିକ୍ ପୂରଣ କରନ୍ତୁ । କୌଣସି ସ୍ତମ୍ଭ ଖାଲି ରଖନ୍ତୁ ନାହିଁ)**

| | ଶ୍ରେଣୀ | ତୃତୀୟ | ଚତୁର୍ଥ | ପଞ୍ଚମ |
|---|---|---|---|---|
| (କ) | i) ବିଦ୍ୟାଳୟର ନାମ | | | |
| | ii) ବିଦ୍ୟାଳୟର ପ୍ରକାର - ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ | | | |
| (ଖ) | i) ନାମଲେଖାର ବର୍ଷ | | | |
| | ii) ଉତ୍ତୀର୍ଣ୍ଣ ହେବାର ମାସ ଓ ବର୍ଷ | | | |
| (ଗ) | ଗ୍ରାମ/ସହରରେ ବିଦ୍ୟାଳୟ ଅବସ୍ଥିତି | | | |
| (ଘ) | ବ୍ଲକ୍ ନାମ | | | |
| (ଙ) | ଜିଲ୍ଲାର ନାମ | | | |
| (ଚ) | ବିଦ୍ୟାଳୟର ଅବସ୍ଥିତି (ଗ୍ରାମାଞ୍ଚଳ/ସହରାଞ୍ଚଳ) | | | |

୧୦. କେଉଁ ଭାଷା ମାଧ୍ୟମରେ ତୁମେ ପରୀକ୍ଷା ଦେବାକୁ ଚାହଁ..........................................
ସୂଚନା ପୁସ୍ତିକାର "ପ୍ରବେଶ ପରୀକ୍ଷା ମାଧ୍ୟମରେ" ଧାରା ୭ ରେ ଦର୍ଶାଯାଇଥିବା ୨୧ ଟି ଭାଷା ମଧ୍ୟରୁ ଯେକୌଣସି ଗୋଟିଏ ଭାଷା ଉଲ୍ଲେଖ କରନ୍ତୁ ।

(କ) ଗ୍ରାମାଞ୍ଚଳ କୋଟା ପାଇଁ ପ୍ରାର୍ଥୀ ସେହି ଜିଲ୍ଲାରେ ଗ୍ରାମାଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ ତିନି ଶିକ୍ଷା ବର୍ଷ ପାଇଁ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀରେ ପଢ଼ିଥିବେ । ପ୍ରାର୍ଥୀ ଗୋଟିଏ ଦିନ ପାଇଁ ମଧ୍ୟ ଯଦି ୩ୟ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସହରାଞ୍ଚଳରେ ପଢ଼ିଥିବେ ତେବେ ସେ ସହରାଞ୍ଚଳର ପ୍ରାର୍ଥୀ ରୂପେ ବିବେଚିତ ହେବେ ।

(ଖ) ଯଦି ଗ୍ରାମାଞ୍ଚଳରେ ରହୁଥିବା ପ୍ରାର୍ଥୀ ସ୍ୱୀକୃତିପ୍ରାପ୍ତ କେନ୍ଦ୍ର/ସର୍ବଶିକ୍ଷା ଅଭିଯାନ କେନ୍ଦ୍ର/ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ଅଧ୍ୟୟନ କରୁଥିବେ ଏବଂ ତାହା ସହର / ବିଜ୍ଞାପିତ ଅଞ୍ଚଳରେ ଅବସ୍ଥିତ ନ ଥିବ ତେବେ ଗ୍ରାମାଞ୍ଚଳ ପ୍ରାର୍ଥୀ ରୂପେ ବିବେଚିତ ହେବେ ।

## ପ୍ରାର୍ଥୀ ଓ ଅଭିଭାବକଙ୍କ ଦ୍ୱାରା ଘୋଷଣା ପତ୍ର

ମୁଁ ମୁକ୍ତ କଣ୍ଠରେ ସ୍ୱୀକାର  କରୁଅଛି ଯେ ମୋ ଜ୍ଞାତ ସାରରେ ଉପରୋକ୍ତ ସୂଚନା ଓ ତଥ୍ୟ ସତ୍ୟ ଓ ବିଶ୍ୱାସ ଯୋଗ୍ୟ ଅଟେ । ମୁଁ ଜାଣେ ଯେ ଯଦି ପ୍ରାର୍ଥୀ ଜବାହର ନବୋଦୟ ବିଦ୍ୟାଳୟ ପରୀକ୍ଷାରେ କୃତକାର୍ଯ୍ୟ ହୁଏ ତଥା ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୁଏ, ତେବେ ଆବଶ୍ୟକ ପଡୁଥିବା ଜରୁରୀ ନଥିପତ୍ର (Documents) ଗୁଡ଼ିକ ବିଦ୍ୟାଳୟରେ ନାମ ଲେଖାଇବାବେଳେ ମୁଁ ଦାଖଲ କରିବି । ମୁଁ ମଧ୍ୟ ହୃଦୟଙ୍ଗମ କରୁଅଛି, ରାଷ୍ଟ୍ରୀୟ ଏକତାର ବିକାଶ ଓ ନବୋଦୟ ବିଦ୍ୟାଳୟ ସମିତିର ପରିଯୋଜନା ଅନୁସାରେ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳର ଏକ ଜବାହର ନବୋଦୟ ବିଦ୍ୟାଳୟରୁ ହିନ୍ଦୀ ଭାଷାଭାଷୀ ଅଞ୍ଚଳର ଏକ ଜବାହର ନବୋଦୟ ବିଦ୍ୟାଳୟକୁ ବିଦ୍ୟାର୍ଥୀମାନଙ୍କୁ ସ୍ଥାନାନ୍ତର (Migration) କରାଯାଏ ଏବଂ ଏକ ଜବାହର ନବୋଦୟ ବିଦ୍ୟାଳୟରୁ ଅନ୍ୟ ଏକ ଜବାହର ନବୋଦୟ ବିଦ୍ୟାଳୟକୁ ମୋର ପୁତ୍ର/କନ୍ୟା/ପ୍ରତିପାଳ୍ୟ (Ward) ଙ୍କର ସ୍ଥାନାନ୍ତର ନିମନ୍ତେ ନବୋଦୟ ବିଦ୍ୟାଳୟ ସମିତିର ନିୟମ ଅନୁସାରେ ପରିଚାଳିତ ହେବାକୁ ମୁଁ ସମ୍ମତି ପ୍ରଦାନ କରୁଛି ।

ପ୍ରାର୍ଥୀଙ୍କ ସାକ୍ଷର.................................................... ପିତା/ମାତା/ଅଭିଭାବକଙ୍କ ସାକ୍ଷର...........................................

ପ୍ରାର୍ଥୀଙ୍କ ନାମ..................................................... ପିତା/ମାତା/ଅଭିଭାବକଙ୍କ ନାମ...............................................

ସ୍ଥାନ ................................ ସ୍ଥାନ .................................................

ତାରିଖ.............................. ତାରିଖ...............................................

### CERTIFICATE TO BE FURNISHED BY HEAD OF SCHOOL WHERE APPLICANT IS STUDYING

Certified that the particulars given in this application of Kumari/Master__________________________ __________________________Son/Daughter of________________________________________whose date of birth ___________________________ and caste _______________are found correct as per the school records.

BEO's Signature...............

Office Stamp

Place...........................

Date............................

Head Master's Signature.....................

Phone/Mob No.__________________

Office Stamp

Place........................................

Date..........................................

### FOR USE OF JAWAHAR NAVODAYA VIDYALAYA OFFICE

| STATE CODE | | DISTRICT CODE | | BLOCK CODE | | CENTRE CODE | |
|---|---|---|---|---|---|---|---|
| | | | | | | | |

Name of the Scrutiniser....................................

Signature of the Scruitiniser.......................................

Place.....................................

Date...............................................

Signature of Principal, JNV

Office Stamp

## ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା - ୨୦୧୭

## ପ୍ରବେଶ ପତ୍ର (ADMIT CARD)

ପରୀକ୍ଷା ତାରିଖ:- ୦୮ ଜାନୁୟାରୀ, ୨୦୧୭ **(08 January 2017)** ରବିବାର ପୂର୍ବାହ୍ନ ୧୧ ଘଟିକା ୩୦ ମିନିଟ୍ **(Sunday at 11.30 A.M.)**

FOR OFFICE USE (To be filled by the person alloting Roll Number)

| | State | District | Block | Centre | Roll No. |
|---|---|---|---|---|---|
| Code - | | | | | |
| Name - | | | | | |

ପରୀକ୍ଷା କେନ୍ଦ୍ରର ନାମ.......................................................................................................

ପ୍ରାର୍ଥୀ ଗୋଟିଏ ପାସ୍ ପୋର୍ଟ ଆକାରର ଫଟୋ ଏଠାରେ ଅଠାଦ୍ୱାରା ଲଗାଇବେ । ପ୍ରାର୍ଥୀ ଙ୍କ ଫଟୋକୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପ୍ରମାଣିତ (Attested) କରାଇବେ ।

**ନିମ୍ନଲିଖିତ ସ୍ତମ୍ଭଗୁଡ଼ିକ ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ କରାଯିବ (ତାହା ସ୍କୁଲର ପ୍ରଧାନ ଶିକ୍ଷକଙ୍କର ସାକ୍ଷର ରହିଥିବ)**

୧. ପରୀକ୍ଷା ମାଧ୍ୟମ......................(ଆବେଦନ ପତ୍ର ସ୍ତମ୍ଭ ୧୦ରେ ଦର୍ଶାଯାଇଥିବା ପରୀକ୍ଷା ମାଧ୍ୟମ ସହିତ ସମାନ ହେବା ଉଚିତ୍)

୨. ପ୍ରାର୍ଥୀଙ୍କ ନାମ....................................................................................................

୩. (କ) ମାତାଙ୍କ ନାମ....................................................................................................

(ଖ) ପିତାଙ୍କ ନାମ....................................................................................................

(ଗ) ଯଦି ପିତା/ମାତା ଅଭିଭାବକ ନୁହଁନ୍ତି, ଅଭିଭାବକଙ୍କ ନାମ.........................................................

(ଘ) ପ୍ରାର୍ଥୀଙ୍କ ସହ ତାଙ୍କର ସମ୍ବନ୍ଧ....................................................................................

୪. (କ) ବର୍ତ୍ତମାନ ସଂପୂର୍ଣ୍ଣ ଡାକ ଠିକଣା - ଗ୍ରାମ/ସାହି.............................ଡାକଘର.............................ଭାୟା...........................

ଥାନା.........................................ଜିଲ୍ଲା.........................................ପିନ୍ କୋଡ୍ ☐☐☐☐☐☐

(ଖ) ସ୍ଥାୟୀ ଠିକଣା - ଗ୍ରାମ/ସାହି..........................................ଡାକଘର.............................ଭାୟା...........................

ଥାନା.........................................ଜିଲ୍ଲା.........................................ପିନ୍ କୋଡ୍ ☐☐☐☐☐☐

(ଗ) ଯୋଗାଯୋଗ ଫୋନ୍ ନଂ (୧).......................................................... (୨) ..........................................

୫. ବିଦ୍ୟାଳୟ ପ୍ରବେଶିକା ବହି ଅନୁସାରେ ଜନ୍ମତାରିଖ (ଅଙ୍କରେ) ତାରିଖ ☐☐ ମାସ ☐☐ ବର୍ଷ ☐☐☐☐

(ଅକ୍ଷରରେ.......................................................................................................................

୬. ନିମ୍ନଲିଖିତ ସ୍ତମ୍ଭରେ ସଠିକ୍ ବାକ୍ସରେ (✓) ଚିହ୍ନ ଦିଅନ୍ତୁ ।

| ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ | ☐ |
|---|---|---|---|---|---|---|---|---|---|---|---|
| ବାଳକ (BOY) | ବାଳିକା (GIRL) | ତୃତୀୟ ଲିଙ୍ଗ (TG) | ସାଧାରଣ (GEN) | ଅନୁନ୍ନତ (OBC) | ଅନୁସୂଚିତ ଜାତି (SC) | ଅନୁସୂଚିତ ଜନଜାତି (ST) | ଗ୍ରାମାଞ୍ଚଳ (RURAL) | ସହରାଞ୍ଚଳ (URBAN) | ଶାରୀରିକ ବିକୃତି (PH) | ଦୃଷ୍ଟି ବିକୃତି (VI) | ଶ୍ରବଣ ବିକୃତି (HI) |

୭. ପ୍ରାର୍ଥୀ ପଞ୍ଚମ ଶ୍ରେଣୀରେ ପଢୁଥିବା ବିଦ୍ୟାଳୟର ନାମ ____________________________

ଗ୍ରାମ____________________ ବ୍ଲକ୍____________________ ଜିଲ୍ଲା____________________ ଫୋନ୍ ନଂ____________________

(ପ୍ରାର୍ଥୀ ଯେଉଁଠାରେ ପଢୁଛନ୍ତି ସେହି ବିଦ୍ୟାଳୟ/ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ସମ୍ମୁଖରେ ପ୍ରାର୍ଥୀଙ୍କର ସାକ୍ଷର)

(ପ୍ରାର୍ଥୀଙ୍କର ଫଟୋ ପ୍ରମାଣିତ କରିଥିବା ବିଦ୍ୟାଳୟ/ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ ମୋହର)

ତାରିଖ.....................................

ରୋଲ୍ ନମ୍ବର ପ୍ରଦାନ କରିଥିବା ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷଙ୍କ ସାକ୍ଷର, ତାରିଖ ଓ ମୋହର

**ଅନୁରୋଧ :-**

ପିତାମାତା/ଅଭିଭାବକମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଆବେଦନ ପତ୍ର ଦାଖଲ କଲା ସମୟରେ ବ୍ଲକ ଶିକ୍ଷା ଅଧିକାରୀ (B.E.O.) ଙ୍କ ଠାରୁ ନିମ୍ନ ରସିଦ୍ /ପ୍ରାପ୍ତିପତ୍ର ସଂଗ୍ରହ କରନ୍ତୁ । ପ୍ରବେଶ ପତ୍ର ସଂଗ୍ରହ କଲାବେଳେ ଏହି ରସିଦ୍ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ । ପରୀକ୍ଷାର ଏକ ସପ୍ତାହ ପୂର୍ବରୁ ପ୍ରବେଶ ପତ୍ର ନ ମିଳିଲେ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ କିମ୍ବା ବ୍ଲକ୍ / ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

---

## ପ୍ରାପ୍ତିସ୍ୱୀକାର (Acknowledgement)

ଶ୍ରୀ.................................................ଙ୍କର ପୁତ୍ର/କନ୍ୟା/ପ୍ରତିପାଲ୍ୟ, ଶ୍ରୀମାନ/କୁମାରୀ................................................. ଙ୍କ ଠାରୁ ଜବାହର ନବୋଦୟ ପରୀକ୍ଷା ୨୦୧୭ ନିମନ୍ତେ ଆବେଦନ ପତ୍ର ଗ୍ରହଣ କଲୁ ।

ତାରିଖ.................................

ବ୍ଲକ ଶିକ୍ଷା ଅଧିକାରୀଙ୍କ ସାକ୍ଷର ଏବଂ କାର୍ଯ୍ୟାଳୟ ମୋହର

# ଆବେଦନ ପତ୍ର ପୂରଣ କରିବା ନିମନ୍ତେ କେତେକ ବିଶେଷ ସୂଚନା

ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ଆବେଦନ ପତ୍ର ସ୍ୱ-ବ୍ୟାଖ୍ୟାତ୍ମକ। ତଥାପି ନିମ୍ନଲିଖିତ ନିର୍ଦ୍ଦେଶ ଓ ସୂଚନା ଗୁଡ଼ିକ ପ୍ରତି ପ୍ରାର୍ଥୀ ଓ ସେମାନଙ୍କ ପିତା/ମାତା/ଅଭିଭାବକମାନେ ବିଶେଷ ଧ୍ୟାନ ଦେବା ଉଚିତ୍।

୧. ଦୟାକରି ସୂଚନା ପୁସ୍ତିକା ଓ ଆବେଦନ ପତ୍ର ଯତ୍ନ ସହକାରେ ପଢ଼ନ୍ତୁ। ସମସ୍ତ ଆବଶ୍ୟକୀୟ ତଥ୍ୟ ଓ ସର୍ତ୍ତାବଳୀ ଜାଣିସାରିବା ପରେ (ଯଥା ପ୍ରାର୍ଥୀଙ୍କର ଜନ୍ମ ତାରିଖ, ବୟସ ସୀମା ୧.୫.୨୦୦୪ରୁ ୩୦.୪.୨୦୦୮ ମଧ୍ୟରେ, ପ୍ରାର୍ଥୀ ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀ ଏକ ସରକାରୀ/ ସରକାରୀ ସ୍ୱୀକୃତି ମାନ୍ୟତାପ୍ରାପ୍ତ /ସରକାରୀ ଅନୁଦାନପ୍ରାପ୍ତ/ସର୍ବଶିକ୍ଷା ଅଭିଯାନ/ରାଷ୍ଟ୍ରୀୟ ମୁକ୍ତ - ଶିକ୍ଷା ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ଇତ୍ୟାଦି) ଆବେଦନ ପତ୍ରରେ ମଗାଯାଇଥିବା ସମସ୍ତ ସୂଚନା ଓ ତଥ୍ୟ ସଠିକ୍ ଭାବେ ପୂରଣ କରନ୍ତୁ।

୨. ବର୍ଗ - ଯଥା ସାଧାରଣ, ଅନୁନ୍ନତ, ଅନୁସୂଚିତ ଜାତି, ଅନୁସୂଚତି ଜନ ଜାତି ଓ ଅକ୍ଷମତା ଇତ୍ୟାଦି ସମ୍ବନ୍ଧିତ ତଥ୍ୟ ପୂରଣ କଲାବେଳେ ଯଥା ସମ୍ଭବ ସତର୍କତା ଅବଲମ୍ବନ କରି ନିର୍ଦ୍ଦିଷ୍ଟ ବାକ୍ସରେ (ଠିକ୍ ) ଚିହ୍ନ ଦିଅନ୍ତୁ। ଯଦି ନାମଲେଖା ବେଳେ ଦେଖାଯାଏ ଯେ ପ୍ରାର୍ଥୀ ଆବେଦନ ପତ୍ରରେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ବାକ୍ସରେ (ଠିକ୍) ଦେଇଛନ୍ତି ଅଥଚ ପ୍ରକୃତରେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିର ଅନ୍ତର୍ଭୁକ୍ତ ନୁହଁନ୍ତି ତାହାହେଲେ ନାମଲେଖା ପାଇଁ ତାଙ୍କର ଚୟନ ରଦ୍ଦ କରାଯିବ। ଆବେଦନ ପତ୍ରର କ୍ରମସଂଖ୍ୟା ୨ଓ ପ୍ରବେଶ ପତ୍ରର କ୍ରମସଂଖ୍ୟା ୬ରେ ପ୍ରାର୍ଥୀ ଅନୁସୂଚିତ ଜାତି (SC) ବା ଅନୁସୂଚିତ ଜନଜାତି (ST) ହୋଇଥିଲେ କେବଳ ସେହି ବାକ୍ସରେ (ଠିକ୍) ଚିହ୍ନ ଏବଂ ଶାରିରୀକ ଅକ୍ଷମ ହୋଇଥିଲେ ଯେଉଁ ଧରଣର ଅକ୍ଷମ କେବଳ ସେହି ବାକ୍ସରେ (ଠିକ୍) ଚିହ୍ନ ଦିଅନ୍ତୁ।

୩. କ୍ରମସଂଖ୍ୟା ୩ରେ ପ୍ରାର୍ଥୀଙ୍କ ଜନ୍ମତାରିଖ ପ୍ରାର୍ଥୀ ପଢୁଥିବା ବିଦ୍ୟାଳୟର ରେକର୍ଡ ଅନୁସାରେ ଉଭୟ ଅଙ୍କ ଓ ଅକ୍ଷରରେ ଲେଖନ୍ତୁ। ଯଦି ପରବର୍ତ୍ତୀ ସମୟରେ ଜଣାପଡ଼େ ଯେ ଆବେଦନ ପତ୍ରରେ ଲେଖାଥିବା ଜନ୍ମ ତାରିଖ ବିଦ୍ୟାଳୟର ରେକର୍ଡ ଜନ୍ମତାରିଖ ଠାରୁ ଭିନ୍ନ ତେବେ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ନାକଚ କରାଯିବ। କ୍ରମସଂଖ୍ୟା ୪ ରେ ପ୍ରାର୍ଥୀଙ୍କ ପରିଚୟ ପାଇଁ ଚିହ୍ନ ସଠିକ୍ ଭାବେ ଲେଖନ୍ତୁ।

୪. ପ୍ରାର୍ଥୀଙ୍କ ୨ ଟି ଏକ ପ୍ରକାରର ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ (ଗୋଟିଏ ଆବେଦନ ପତ୍ର ଓ ଅନ୍ୟଟି ପ୍ରବେଶ ପତ୍ରରେ) ଅଠା ଦ୍ୱାରା ଲଗାନ୍ତୁ। ପ୍ରାର୍ଥୀ ଯେଉଁ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପଢୁଛନ୍ତି ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ଏହା ପ୍ରମାଣିତ (Attested) ହେବ। ପ୍ରଧାନ ଶିକ୍ଷକଙ୍କ ସାକ୍ଷର ଓ ବିଦ୍ୟାଳୟର ମୋହର ପରିଷ୍କାର ଭାବେ ଫଟୋଗ୍ରାଫ ଉପରେ ଆଂଶିକ ଭାବେ ପଡ଼ିବା ଉଚିତ୍।

୫. ପ୍ରାର୍ଥୀ ଓ ତାଙ୍କର ପିତା/ଅଭିଭାବକ ଉଭୟ ଆବେଦନ ପତ୍ର ଓ ସୂଚନା ପୁସ୍ତିକାରେ ଦିଆଯାଇଥିବା ସର୍ତ୍ତ ଓ ନିୟମାବଳୀ ପଢ଼ି ଆବେଦନ ପତ୍ରରେ ତାରିଖ ସହିତ ଦସ୍ତଖତ କରିବା ଆବଶ୍ୟକ।

୬. ଆବଶ୍ୟକ ହେଲେ ପ୍ରାର୍ଥୀ ପ୍ରଧାନ ଶିକ୍ଷକଙ୍କ ସାହାଯ୍ୟ ନେଇ ଆବେଦନ ପତ୍ର ପୂରଣ କରିବେ ଏବଂ ଯେଉଁ ବିଦ୍ୟାଳୟରେ ପଢୁଛନ୍ତି, ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମ୍ମୁଖରେ ପ୍ରବେଶ ପତ୍ରରେ ସାକ୍ଷର କରିବେ। ବ୍ଲକ ଶିକ୍ଷା ଅଧିକାରୀ (B.E.O) ଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପୂର୍ବରୁ ଆବେଦନ ପତ୍ରରେ ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ କାର୍ଯ୍ୟାଳୟ ମୋହର ସଂଗ୍ରହ କରିବା ଜରୁରୀ।

୭. ଆବେଦନ ପତ୍ର ଦାଖଲ କରିବା ସମୟରେ ପ୍ରାର୍ଥୀ ପ୍ରବେଶ ପତ୍ରର କ୍ରମ ସଂଖ୍ୟା ୧ ରୁ ୭ ପର୍ଯ୍ୟନ୍ତ ସ୍ତମ୍ଭ ପୂରଣ କରି ପଢୁଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସମ୍ମୁଖରେ ସାକ୍ଷର କରିବେ।

୮. ବ୍ଲକ ଶିକ୍ଷା ଅଧିକାରୀ (B.E.O)ଙ୍କ କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୧୬ ସେପ୍ଟେମ୍ବର ୨୦୧୬। ପ୍ରବେଶ ପରୀକ୍ଷା ୦୮.୧.୨୦୧୭ ରବିବାର ସକାଳ ୧୧ଘ. ୩୦ମି. ସମୟରେ ଅନୁଷ୍ଠିତ ହେବ।

ସତର୍କତା : ଯଦି ଆବେଦନ ପତ୍ରରେ କୌଣସି କ୍ରମସଂଖ୍ୟା ବା ସୂଚନା ସ୍ଥାନ/ସ୍ତମ୍ଭ ଶୂନ୍ୟ ବା ଅସମ୍ପୂର୍ଣ୍ଣ ଥାଏ ତାହାହେଲେ ଆବେଦନ ନାକଚ ହୋଇଯିବ। **ଶିକ୍ଷାଗତ ଯୋଗ୍ୟତା, ବୟସ, ବିଶେଷ ଶ୍ରେଣୀ ବା ବର୍ଗ (ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି), ଶାରିରୀକ ଅକ୍ଷମତା, ଅଞ୍ଚଳ (ଗ୍ରାମାଞ୍ଚଳ/ସହରାଞ୍ଚଳ) ପ୍ରଭୃତି ପ୍ରତ୍ୟେକ ସୂଚନା ପ୍ରାର୍ଥୀ ସଠିକ୍ ଭାବରେ ପୂରଣ କରିଛନ୍ତି ବୋଲି ନିଶ୍ଚିତ ହେବେ।** ମୂଳ ଆବେଦନ ପତ୍ରରେ ଦିଆଯାଇଥିବା କୌଣସି ସୂଚନା ଯଦି ପରବର୍ତ୍ତୀ ସମୟରେ ଭୁଲ୍ ବା ଅସତ୍ୟ ପ୍ରମାଣିତ ହୁଏ ତେବେ ପ୍ରାର୍ଥୀ ନାମଲେଖା ନିମନ୍ତେ ମନୋନୀତ ହୋଇଥିଲେ ମଧ୍ୟ ତାଙ୍କର ନାମଲେଖା ଖାରଜ ହେବ। ଏହି ଦିଗରେ ନବୋଦୟ ବିଦ୍ୟାଳୟ ସମିତିର ନିଷ୍ପତ୍ତି ଚୂଡ଼ାନ୍ତ ଓ ଅପରିହାର୍ଯ୍ୟ। ଏ ସମ୍ବନ୍ଧରେ କୌଣସି ପତ୍ରାଳାପ ଗ୍ରହଣ କରାଯିବ ନାହିଁ। ମିଥ୍ୟା ତଥ୍ୟ ବା ପ୍ରମାଣ ଦାଖଲ କରି ପ୍ରବେଶ ପାଇଥିବା ଛାତ୍ର ଛାତ୍ରୀଙ୍କର ନାମଲେଖା କେବଳ ରଦ୍ଦ କରାଯିବ ନାହିଁ ଅଧିକନ୍ତୁ ଛାତ୍ରଛାତ୍ରୀମାନଙ୍କର ଅଭିଭାବକଙ୍କ ଠାରୁ ଛାତ୍ରଛାତ୍ରୀ ବିଦ୍ୟାଳୟରେ ରହିଥିବା ସମୟରେ ସମ୍ପୂର୍ଣ୍ଣ ବ୍ୟୟ ଆଦାୟ କରିବା ମଧ୍ୟ ନବୋଦୟ ବିଦ୍ୟାଳୟ ସମିତିର ଅଧିକାର ଅନ୍ତର୍ଭୁକ୍ତ।

ଉପରୋକ୍ତ ଉଦାହରଣରେ ଉତ୍ତର ଚିତ୍ର ସଂଖ୍ୟା 4କୁ ସମସ୍ୟା ଚିତ୍ର ସହିତ ମିଳାଇଲେ, ତାହା ସମସ୍ୟା ଚିତ୍ର ସହିତ ସଂପୂର୍ଣ୍ଣ ମିଶିଯାଉଅଛି ଏବଂ ଏହା ଏକ ସଂପୂର୍ଣ୍ଣ ବର୍ଗକ୍ଷେତ୍ରରେ ପରିଣତ ହୋଇଯାଉଅଛି । ତେଣୁ 4 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲା ଯାଇଛି ।

## ପ୍ରକାର - ୭( ପ୍ରତିଛବି ଚିହ୍ନଟ)

ନିର୍ଦ୍ଦେଶ - ପ୍ରଶ୍ନ ୩୧ ରୁ ୩୫ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ବାମ ପାର୍ଶ୍ୱରେ ଗୋଟିଏ ସମସ୍ୟା ଚିତ୍ର ଓ ଡାହଣପାର୍ଶ୍ୱରେ 1,2,3 ଓ 4 ସଂଖ୍ୟା ଚିହ୍ନିତ ଉତ୍ତର ଚିତ୍ରଗୁଡ଼ିକୁ ଦେଖ। ଯଦି ସମସ୍ୟା ଚିତ୍ର ପାଖରେ ଥିବା ୪,୫ ସ୍ଥାନରେ ଦର୍ପଣ ଗୋଟିଏ ରଖାଯାଏ, ତେବେ ଉତ୍ତର ଚିତ୍ର ଗୁଡ଼ିକ ମଧ୍ୟରୁ କେଉଁ ପ୍ରତିଛବିଟି ସମସ୍ୟା ଚିତ୍ରର ପ୍ରତିଛବି ହେବ ! ତାହାକୁ ଗୋଲ ବୁଲାଅ ।

ସମସ୍ୟା ଚିତ୍ର ଉତ୍ତର ଚିତ୍ର

ଉଦାହରଣ ୭



ଉତ୍ତର ଲେଖିବା ପ୍ରଣାଳୀ - ୭ [3]

ଉପରୋକ୍ତ ଉଦାହରଣରେ ଉତ୍ତର ଚିତ୍ର ସଂଖ୍ୟା 3 ସମସ୍ୟା ଚିତ୍ରର ପ୍ରତିଛବି ସହିତ ସମାନ । ତେଣୁ 3 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲା ଯାଇଛି ।

## ପ୍ରକାର - ୮( ଛିଦ୍ରିକୃତ ପ୍ରକାର ଭେଦ) ଭାଙ୍ଗିବା / ଖୋଲିବା

ନିର୍ଦ୍ଦେଶ - ପ୍ରଶ୍ନ ୩୬ ରୁ ୪୦ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ବାମ ପାର୍ଶ୍ୱରେ ଗୋଟିଏ କାଗଜ ଖଣ୍ଡକୁ ଭଙ୍ଗାଯାଇ ଏକ ଛିଦ୍ର କରାଯାଇଛି । ଡ଼ାହାଣ ପାର୍ଶ୍ୱରେ ଚାରିଗୋଟି ଉତ୍ତର ଚିତ୍ର 1,2,3 ଓ 4 ଦିଆଯାଇଛି । ଉତ୍ତର ଚିତ୍ର ମଧ୍ୟରୁ ଗୋଟିଏ ସଠିକ୍ ଚିତ୍ରକୁ ବାଛ, ଯାହାକି ଭଙ୍ଗା ଯାଇଥିବା କାଗଜକୁ ଖୋଲିଲା ପରେ ଠିକ୍ ସେହିଭଳି ଦେଖାଯିବ ।

ସମସ୍ୟା ଚିତ୍ର ଉତ୍ତର ଚିତ୍ର

ଉଦାହରଣ ୮



ଉତ୍ତର ଲେଖିବା ପ୍ରଣାଳୀ - ୮ [3]

ଉପରୋକ୍ତ ଉଦାହରଣରେ ସମସ୍ୟା ଚିତ୍ରକୁ ଖୋଲିଲାପରେ ତାହା ଉତ୍ତର ଚିତ୍ର ସଂଖ୍ୟା 3 ସହିତ ସମାନ ହେବ । ତେଣୁ 3 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲା ଯାଇଛି ।

## ପ୍ରକାର-୯( ସଠିକ୍ ଆନୁମାନିକ ନିରୂପଣ)

ନିର୍ଦ୍ଦେଶ - ପ୍ରଶ୍ନ ୪୧ ରୁ ୪୫ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ବାମ ପାର୍ଶ୍ୱରେ ଗୋଟିଏ ସମସ୍ୟା ଚିତ୍ର ଓ ଡାହଣପାର୍ଶ୍ୱରେ 1,2,3 ଓ 4 ସଂଖ୍ୟା ଚିହ୍ନିତ ଉତ୍ତର ଚିତ୍ର ଦିଆଯାଇଛି । ସମସ୍ୟା ଚିତ୍ରରେ ଥିବା ଖଣ୍ଡଚିତ୍ର ଗୁଡ଼ିକୁ ଯୋଡ଼ିଲେ ଉତ୍ତର ଚିତ୍ର ମଧ୍ୟରୁ କେଉଁ ଚିତ୍ର ସହିତ ତାହା ସମାନ ହେବ । ତାହାକୁ ଗୋଲ ବୁଲାଅ ।

ସମସ୍ୟା ଚିତ୍ର ଉତ୍ତର ଚିତ୍ର

ଉଦାହରଣ ୯



ଉତ୍ତର ଲେଖିବା ପ୍ରଣାଳୀ - ୯ [1]

ଉପରୋକ୍ତ ଉଦାହରଣରେ ସମସ୍ୟା ଚିତ୍ରରେ ଥିବା ଖଣ୍ଡଚିତ୍ରଗୁଡ଼ିକୁ ଯୋଡ଼ିଲେ ଉତ୍ତର ଚିତ୍ରରେ ଥିବା ସଂଖ୍ୟା 1 ଚିତ୍ର ସହିତ ସମାନ ହେବ । ତେଣୁ 1 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲା ଯାଇଛି ।

## ପ୍ରକାର - ୧୦( ଲୁକ୍କାୟିତ ଛବି ନିରୂପଣ)

ନିର୍ଦ୍ଦେଶ - ପ୍ରଶ୍ନ ୪୬ ରୁ ୫୦ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଶ୍ନରେ ବାମ ପାର୍ଶ୍ୱରେ ଗୋଟିଏ ସମସ୍ୟା ଚିତ୍ର ଓ ଡାହଣପାର୍ଶ୍ୱରେ 1,2,3 ଓ 4 ସଂଖ୍ୟା ଚିହ୍ନିତ ଉତ୍ତର ଚିତ୍ର ଦିଆଯାଇଛି । ଉତ୍ତର ଚିତ୍ର ମାନଙ୍କ ମଧ୍ୟରୁ କେଉଁ ଚିତ୍ରରେ ସମସ୍ୟା ଚିତ୍ରଟି ଲୁକ୍କାୟିତ ଭାବେ ରହିଛି ତାହାକୁ ଦର୍ଶାଅ ।

ସମସ୍ୟା ଚିତ୍ର ଉତ୍ତର ଚିତ୍ର

ଉଦାହରଣ ୧୦



ଉତ୍ତର ଲେଖିବା ପ୍ରଣାଳୀ - ୧୦ [1]

ଉପରୋକ୍ତ ଉଦାହରଣରେ ସମସ୍ୟା ଚିତ୍ରରେ ଥିବା ଖଣ୍ଡଚିତ୍ରଟି ଉତ୍ତର ଚିତ୍ରର ସଂଖ୍ୟା 1 ମଧ୍ୟରେ ଲୁକ୍କାୟିତ ଭାବରେ ରହିଛି । ତେଣୁ 1 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲା ଯାଇଛି ।

## ଭାଗ : ୨ - ଅଙ୍କ / ଗଣିତ ପରୀକ୍ଷା

ଏହି ପରୀକ୍ଷାରେ ପ୍ରାର୍ଥୀମାନଙ୍କର ଗଣିତରେ ମୌଳିକ ଦକ୍ଷତା ପରିମାପ କରାଯିବ । ନିମ୍ନଲିଖିତ ୧୫ ଗୋଟି ବିଷୟ ଉପରେ ପରୀକ୍ଷା କରାଯିବ ଏବଂ ଏହି ପରୀକ୍ଷା ୨୫ଟି ପ୍ରଶ୍ନ ଉପରେ ଆଧାରିତ ।

| | | | | | |
|---|---|---|---|---|---|
| ୧. | ସଂଖ୍ୟା ଓ ସଂଖ୍ୟା ପଦ୍ଧତି | ୬. | ଦଶମିକ ଓ ତତ୍ ସମ୍ବନ୍ଧୀୟ ଚାରୋଟି ମୌଳିକ ପ୍ରକ୍ରିୟା | ୧୧. | ସାଂଖ୍ୟିକ ରାଶିମାନଙ୍କର ସରଳୀକରଣ |
| ୨. | ପୂର୍ଣ୍ଣସଂଖ୍ୟା ସମ୍ବନ୍ଧୀୟ ଚାରୋଟି ମୌଳିକ ପ୍ରକ୍ରିୟା | ୭. | ଭଗ୍ନାଂଶକୁ ଦଶମିକରେ ଓ ଦଶମିକକୁ ଭଗ୍ନାଂଶରେ ରୂପାନ୍ତରୀକରଣ | ୧୨. | ଶତକଡ଼ା ହାର ଓ ତାହାର ପ୍ରୟୋଗ |
| ୩. | ଭଗ୍ନାଂଶ ସଂଖ୍ୟା ଓ ତତ୍ ସମ୍ବନ୍ଧୀୟ ଚାରୋଟି ମୌଳିକ ପ୍ରକ୍ରିୟା | ୮. | ପରିମାପନରେ ସଂଖ୍ୟାର ପ୍ରୟୋଗ ପ୍ରଣାଳୀ - ଦୈର୍ଘ୍ୟ, ବସ୍ତୁତ୍ୱ | ୧୩. | ଲାଭ ଓ କ୍ଷତି |
| ୪. | ଗୁଣନୀୟକ ଓ ଗୁଣିତକ ତଥା ସେମାନଙ୍କ ଧର୍ମ | ୯. | ଦୂରତ୍ୱ, ସମୟ ଓ ବେଗ | ୧୪. | ସରଳ ସୁଧକଷା |
| ୫. | ସଂଖ୍ୟାମାନଙ୍କର ଗ.ସା.ଗୁ. ଓ ଲ.ସା.ଗୁ. | ୧୦. | ରାଶିମାନଙ୍କର ସରଳୀକରଣ | ୧୫. | ପରିସୀମା, କ୍ଷେତ୍ରଫଳ ଓ ଆୟତନ |

**ବିଶେଷ ଦ୍ରଷ୍ଟବ୍ୟ :**

ଗାଣିତିକ ଭାବବସ୍ତୁ (Concept) ଓ କୌଶଳ (Skill) ସମ୍ବନ୍ଧରେ ବିଦ୍ୟାର୍ଥୀମାନଙ୍କର ବୋଧଶକ୍ତି / ଉପଲବ୍ଧି (Understanding) ଏବଂ ପ୍ରୟୋଗ ଶକ୍ତିର ପରିମାପ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଏହି ଗଣିତ ପରୀକ୍ଷାରେ କେଉଁ ପ୍ରକାରର ପ୍ରଶ୍ନ ପଡ଼ିବ, ସେ ସମ୍ବନ୍ଧରେ ପ୍ରାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ନିମନ୍ତେ କେତେକ ଉଦାହରଣ ଦିଆଗଲା ।

**ଉଦାହରଣ ୧ (ବୋଧ ଶକ୍ତିର ପରିମାପନ)**

୧୦୦୦ ର ମୌଳିକ ଉତ୍ପାଦକ ନିର୍ଣ୍ଣୟ କର ।

1. 10x10x10   2. 2x5x5x10   3. 2x2x2x5x5   (4) 2x2x2x5x5x5

କୌଣସି ଏକ ସଂଖ୍ୟାର ମୌଳିକ ଉପାଦାନ ନିର୍ଣ୍ଣୟ ହେବ, ଯଦି (i) ସମସ୍ତ ଉତ୍ପାଦକଗୁଡିକର (ଯେତେଥର ହେଉନା କାହିଁକି) ଗୁଣଫଳ ଦତ୍ତ ସଂଖ୍ୟା ସହିତ ସମାନ ହେବ ଏବଂ (ii) ପ୍ରତ୍ୟେକ ଉତ୍ପାଦକ ଗୋଟିଏ ମୌଳିକ ସଂଖ୍ୟା ହୋଇଥିବ ।

ଉପରୋକ୍ତ ଉଦାହରଣରେ ଉତ୍ତର ସଂଖ୍ୟା 4 ଏହି ଦୁଇଟି ସର୍ତ୍ତକୁ ପୂରଣ କରୁଥିବା ହେତୁ ଏହା ସଠିକ୍ ଉତ୍ତର । ତେଣୁ 4 ଚାରିପଟେ ଗୋଲ ବୁଲାଯାଇଛି ।

**ଉଦାହରଣ : ୨ (ବୋଧ ଶକ୍ତିର ପରିମାପନ)**

ପ୍ରଥମ ଚାରୋଟି ଅଯୁଗ୍ମ ସଂଖ୍ୟାଗୁଡିକର ହାରାହାରି ମୂଲ୍ୟ କେତେ ?

1. 2.5   (2) 4   3. 5   4. 16

ପ୍ରଥମ ଚାରୋଟି ଅଯୁଗ୍ମ ସଂଖ୍ୟା ହେଲା 1, 3, 5 ଏବଂ 7 ଓ ସେମାନଙ୍କର ହାରାହାରି ମୂଲ୍ୟ ହେଉଛି $\frac{1+3+5+7}{4} = 4$ । ତେଣୁ କ୍ରମ ସଂଖ୍ୟା 2 ସଠିକ୍ ଉତ୍ତର ହେତୁ ତାହାର ଚାରିପଟେ ଗୋଲ ବୁଲାଯାଇଛି ।

**ଉଦାହରଣ : ୩ (ପ୍ରୟୋଗ ଶକ୍ତି Application ର ପରିମାପନ)**

ଏକ କିଲୋମିଟର ଲମ୍ବ ଗୋଟିଏ ମାଲ୍‌ଗାଡ଼ି ୩ ମିନିଟ୍‌ରେ ୧ କିଲୋମିଟର ଗତିକରୁଅଛି । ଏହି ଗତିରେ ମାଲଗାଡ଼ିକୁ ୨ କିଲୋମିଟର ଲମ୍ବ ଗୋଟିଏ ସୁଡ଼ଙ୍ଗକୁ ଅତିକ୍ରମ କରିବାକୁ କେତେ ସମୟ ଲାଗିବ ?

1. ୧ମିନିଟ୍   2. ୩ ମିନିଟ୍   3. ୬ ମିନିଟ୍   (4) ୯ ମିନିଟ୍

ସୁଡ଼ଙ୍ଗର ଲମ୍ବ ୨ କିଲୋମିଟର ଓ ମାଲଗାଡ଼ିର ଲମ୍ବ ୧ କିଲୋମିଟର । ତେବେ ୨ କିଲୋମିଟର ଲମ୍ବର ସୁଡ଼ଙ୍ଗକୁ ଅତିକ୍ରମ କରିବାକୁ ମାଲ୍‌ଗାଡ଼ିକୁ ୩ କିଲୋମିଟର ଦୂରତ୍ୱ ଅତିକ୍ରମ କରିବାକୁ ପଡ଼ିବ । ମାଲ୍‌ଗାଡ଼ି ପ୍ରତି ୩ ମିନିଟ୍‌ରେ ୧ କିଲୋମିଟର ଗତିରେ ଚାଲିଲେ ଏହି ୩ କିଲୋମିଟର ଦୂରତ୍ୱ ଅତିକ୍ରମ କରିବାକୁ ୯ ମିନିଟ୍ ସମୟ ଲାଗିବ । ତେଣୁ ଉତ୍ତର ସଂଖ୍ୟା 4 ଚାରିପଟେ ଗୋଲ ବୁଲାଯାଇଛି ।

**ଭାଗ : ୩ ଭାଷା ପରୀକ୍ଷା**

ପ୍ରାର୍ଥୀମାନଙ୍କର ପଠନ ବୋଧଗମ୍ୟତା / ଦକ୍ଷତା ପରୀକ୍ଷା କରିବା ଏହି ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ । ଏହି ପରୀକ୍ଷାରେ ତିନୋଟି ଗଦ୍ୟାଂଶ (Passage) ଦିଆଯାଇଛି । ପ୍ରତ୍ୟେକ ଗଦ୍ୟାଂଶ ପରେ ପାଞ୍ଚୋଟି ପ୍ରଶ୍ନ ଦିଆଯାଇଛି । ପ୍ରାର୍ଥୀ ପ୍ରତ୍ୟେକ ଗଦ୍ୟାଂଶକୁ ମନଯୋଗ ସହକାରେ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ । ଏଥି ସହିତ ବ୍ୟାକରଣ ସମ୍ପର୍କିତ ଏବଂ ପ୍ରାର୍ଥୀର ଲୌଖିକ ଦକ୍ଷତା (Writing Skills) ଉପରେ ୧୦ ଗୋଟି ପ୍ରଶ୍ନ ରହିଅଛି ।

ଉଦାହରଣ ସ୍ୱରୂପ ନିମ୍ନରେ ଏକ ଗଦ୍ୟାଂଶ ଓ ତତ୍ ସମ୍ବନ୍ଧୀୟ ଏକ ପ୍ରଶ୍ନାବଳୀ ଦିଆଯାଇଛି ।

**ଗଦ୍ୟାଂଶ :** ଜଙ୍ଗଲ ବିଭିନ୍ନ ଦିଗରୁ ଆମର ଉପକାରୀ ଅଟେ । ଏହା ଘର ଏବଂ ଆସବାବପତ୍ର ତିଆରି ପାଇଁ କାଠ ଯୋଗାଇ ଥାଏ । ପଶୁପକ୍ଷୀ ଓ ବିଭିନ୍ନ କୀଟପତଙ୍ଗ ମାନଙ୍କର ଏହା ବାସସ୍ଥଳୀ ଅଟେ । ଜଙ୍ଗଲ ମଧ୍ୟ ବର୍ଷାର କାରଣ ହୋଇଥାଏ । ପରିବେଶ ସନ୍ତୁଳନ ପାଇଁ ଜଙ୍ଗଲର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ଅଟେ । ଏହା ନିରାଟ ସତ୍ୟ ଯେ ଜଙ୍ଗଲର ସୁରକ୍ଷା ପାଇଁ ଆମକୁ ସଚେତନ ଓ ଯତ୍ନଶୀଳ ହେବାକୁ ପଡ଼ିବ । ପରିବେଶ ଓ ପ୍ରାକୃତିକ ସମ୍ପଦର ସଯତ୍ନ ବିନିଯୋଗ ମଣିଷ ସମାଜର ନିରବଚ୍ଛିନ୍ନ ଅବସ୍ଥିତି ପାଇଁ ଏକାନ୍ତ ଆବଶ୍ୟକ ।

ପ୍ରଶ୍ନ.୧ ପରିବେଶ ସଂରକ୍ଷଣ ପାଇଁ ____________ ର ଅବସ୍ଥିତି ଜରୁରୀ ।

କ) ଜଙ୍ଗଲ　　ଖ) ପଶୁପକ୍ଷୀ

ଗ) ମଣିଷ ସମାଜ　　ଘ) ପ୍ରାକୃତିକ ସମ୍ପଦ

ପ୍ରଶ୍ନ.୨ ସଂରକ୍ଷଣର ବିପରୀତ ଶବ୍ଦ ____________ ଅଟେ ।

କ) ସୁରକ୍ଷା　　ଖ) ନିର୍ମାଣ

ଗ) ବାସସ୍ଥଳୀ　　ଘ) ଅପଚୟ

ପ୍ରଶ୍ନ.୩ ସଯତ୍ନର ସମାର୍ଥବୋଧକ ଶବ୍ଦ କଣ ?

କ) ଉପଯୁକ୍ତ　　ଖ) ବୁଦ୍ଧିମାନ

ଗ) କୌତୁକିଆ　　ଘ) ଯତ୍ନଶୀଳ

ପ୍ରଶ୍ନ.୪ ଜଙ୍ଗଲ ଉପରେ ବଢ଼େଇ ମାନେ ____________ ପାଇଁ ନିର୍ଭର ଶୀଳ ।

କ) ଜାଳେଣି କାଠ　　ଖ) କାଗଜ ତିଆରି

ଗ) ଆସବାବପତ୍ର ନିର୍ମାଣ　　ଘ) ଜୀବଜନ୍ତୁଙ୍କ ବାସସ୍ଥାନ ନିର୍ମାଣ

ପ୍ରଶ୍ନ.୫ ବନ୍ୟଜନ୍ତୁ ବାସହରା ହୋଇଯିବେ । ଯଦି ____________

କ) କାଗଜ କଳ ବନ୍ଦ କରିଦିଆଯାଏ　　ଖ) ଅତ୍ୟଧିକ ଗୃହ ନିର୍ମାଣ କରାଯାଏ

ଗ) ଜଙ୍ଗଲ ଧ୍ୱଂସ କରିଦିଆଯାଏ　　ଘ) ପରିବେଶ ସୁରକ୍ଷା କରାଯାଏ

# RESIDENCE CERTIFICATE

**(To be furnished by the parents of the qualified Children at the time of admission to JNVs)**

As per Jawahar Navodaya Vidyalaya ____________________ District ________________ State ______________________ letter No.__________________ dated. _____________ my ward Mast./Kum.________________________________________ has qualified the entrance exam for admission to class-VI at JNV,_____________________________District______________________ State/UT ______________________ during the Session __________________

I am residing along with my ward mentioned above at following address since_____________________

Village____________________________________

Town____________________________________

District____________________________________

State____________________________________

Pin Code____________________________________

Certified that information furnished by me is true and no fact has been concealed.

(Signature of Parent)

Full Name : ______________________________

Address ______________________________

______________________________

______________________________

Place ____________________

Date:____________________

---

## CERTIFICATE

**(To be filled up by the District Authorities and issued under the signature of SDM/Tehsildar to the parents of the child selected for admission to Class-VI in JNVs through JNVST)**

This is to certify that the above information furnished by Shri/Smt.____________________________ Father/Mother of Mast./kum.__________________________ a candidate selected for admission to class-VI in J.N.V.,__________________District_________________ State_________________ has been verified from the records and is found to be correct.The area where residence located falls under (Rural/Urban) area of District.

Signature
SDM/Tehsildar

---

## AFFIDAVIT

**(Affidavit to be furnished by parents on Rs.____________Stamp paper duly attested by Notary at the time of admission to Class - VI in JNVs through JNVST)**

I________________________________________________ aged____________years,father/mother of Master/Kum.________________________________________Resident of Village________________ P.O.________________Tehsil_____________________________,District_____________________ do hereby solemnly declare and affirm as under:

a) My ward is a student of ___________________________________________(name and complete address of the institution) located in ______________________________________ which is a Rural/Urban area in District______________________in ____________________________ state since ______________________________.He/she has passed Class -V from this institution during the session________________________

b) My ward is residing with me at following address which is located in ____________________________ rural/urban area of District_________________________

Verified on this ________________day of _______________,2017 at ________________ (place) that the contents of above affidavit are true to best of my knowledge and belief based on records and believed by me to be true.

Signature

(Name)______________________

Place:

Date:

# ଉତ୍ତର ପୁସ୍ତିକା

## ପ୍ରାର୍ଥୀ / ନିରୀକ୍ଷକଙ୍କ ପାଇଁ ସାଧାରଣ ସୂଚନା




୧. ଉତ୍ତର ପୁସ୍ତିକାରେ କେବଳ ବ୍ଲୁ / ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରାଯିବ । ପେନ୍‌ସିଲ୍ ବ୍ୟବହାର ନିଷିଦ୍ଧ ।

୨. ଉତ୍ତର ପୁସ୍ତିକାର ଦ୍ୱିତୀୟ ପାଖରେ ଇଂରାଜୀ ଭାଷାରେ ସଂଖ୍ୟାଗୁଡ଼ିକ ଲେଖାଯିବ ।

୩. ପ୍ରାର୍ଥୀମାନଙ୍କୁ ଏହା ଦେଖିବାକୁ ହେବ କି ଏହି ପୃଷ୍ଠାରେ ନିମ୍ନରେ ଛପାଯାଇଥିବା ଉତ୍ତର ପୁସ୍ତିକାର କ୍ରମିକ ସଂଖ୍ୟା ପୁସ୍ତିକାର କ୍ରମିକ ସଂଖ୍ୟା ସହିତ ମେଳ ଖାଉଛି କି ନାହିଁ । ଯଦି ପ୍ରାର୍ଥୀ ଏଥିରେ କୌଣସି ବ୍ୟତିକ୍ରମ ଲକ୍ଷ୍ୟ କରନ୍ତି ତେବେ ଯଥାଶୀଘ୍ର ନିରୀକ୍ଷକଙ୍କୁ ଜଣାଇବେ ।

୪. ଥରେ ଉତ୍ତର ଲେଖିବା ପରେ ତାହା ଆଉ ବଦଳାଇ ହେବ ନାହିଁ ।

୫. ଉତ୍ତରଗୁଡ଼ିକ ଇଂରାଜୀ ସଂଖ୍ୟାରେ (1,2,3,4) ପ୍ରତ୍ୟେକ ପ୍ରଶ୍ନରେ ଥିବା ବାକ୍ସରେ ଲେଖାଯିବ । ଉଦାହରଣ ସ୍ୱରୂପ ଆପଣଙ୍କ 37 ନଂ ପ୍ରଶ୍ନର ଉତ୍ତର ଯଦି 3 ହୋଇଥାଏ ତେବେ ଏହିପରି ଲେଖାଯିବ । 37 [3]

୬. ଉତ୍ତର ପୁସ୍ତିକାରେ ସଂଖ୍ୟାକୁ ଲିଭାଇବା ପାଇଁ କୌଣସି ପ୍ରକାର ଧଳାଦ୍ରବ୍ୟ ବ୍ୟବହାର କରାଯିବ ନାହିଁ ।

୭. ଉତ୍ତର ପୁସ୍ତିକାରେ ଲେଖା ଉପରେ ଆଉ ଥରେ ଲେଖିବା, କଟାକଟି କରିବା କିମ୍ବା କୌଣସି ଧଳାଦ୍ରବ୍ୟ ଲଗାଇବାକୁ ଅନୁମତି ଦିଆଯିବ ନାହିଁ ।

୮. ଉତ୍ତର ପୁସ୍ତିକାରେ ରଫ୍ କାମ କରାଯିବ ନାହିଁ । ପରୀକ୍ଷା ପୁସ୍ତିକାର ପୃଷ୍ଠା ସଂଖ୍ୟା ୧୬ ରେ ରଫ୍ କାର୍ଯ୍ୟ କରାଯିବ ।

**(USE ENGLISH NUMBERS / LETTERS ONLY)**

Invigilator to put centre stamp in Blue / Black Ink

**TO BE FILLED BY THE INVIGILATOR ONLY**

State ☐☐ Distt. ☐☐ Block ☐☐ Centre ☐☐

Roll No. ☐☐☐☐☐☐☐☐

Name of the Candidate ____________________

Tick appropriate box from information given in Admit Card

Boy ☐ Girl ☐ TG ☐

Gen ☐ OBC ☐ SC ☐ ST ☐

Urban ☐ Rural ☐

Signature of the Invigilator ____________________

**TO BE FILLED BY THE CANDIDATE ONLY**

Roll Number ☐☐☐☐☐☐☐☐

Name of the Candidate ____________________

Signature of the Candidate ____________________

FILL THE RIGHT RESPONSES IN ENGLISH NUMBERS ONLY IN THE BOXES PROVIDED FOR EACH QUESTION(1-100)

| | | | | | | | | | |
|---|---|---|---|---|---|---|---|---|---|
| 1 ☐ | 11 ☐ | 21 ☐ | 31 ☐ | 41 ☐ | 51 ☐ | 61 ☐ | 71 ☐ | 81 ☐ | 91 ☐ |
| 2 ☐ | 12 ☐ | 22 ☐ | 32 ☐ | 42 ☐ | 52 ☐ | 62 ☐ | 72 ☐ | 82 ☐ | 92 ☐ |
| 3 ☐ | 13 ☐ | 23 ☐ | 33 ☐ | 43 ☐ | 53 ☐ | 63 ☐ | 73 ☐ | 83 ☐ | 93 ☐ |
| 4 ☐ | 14 ☐ | 24 ☐ | 34 ☐ | 44 ☐ | 54 ☐ | 64 ☐ | 74 ☐ | 84 ☐ | 94 ☐ |
| 5 ☐ | 15 ☐ | 25 ☐ | 35 ☐ | 45 ☐ | 55 ☐ | 65 ☐ | 75 ☐ | 85 ☐ | 95 ☐ |
| 6 ☐ | 16 ☐ | 26 ☐ | 36 ☐ | 46 ☐ | 56 ☐ | 66 ☐ | 76 ☐ | 86 ☐ | 96 ☐ |
| 7 ☐ | 17 ☐ | 27 ☐ | 37 ☐ | 47 ☐ | 57 ☐ | 67 ☐ | 77 ☐ | 87 ☐ | 97 ☐ |
| 8 ☐ | 18 ☐ | 28 ☐ | 38 ☐ | 48 ☐ | 58 ☐ | 68 ☐ | 78 ☐ | 88 ☐ | 98 ☐ |
| 9 ☐ | 19 ☐ | 29 ☐ | 39 ☐ | 49 ☐ | 59 ☐ | 69 ☐ | 79 ☐ | 89 ☐ | 99 ☐ |
| 10 ☐ | 20 ☐ | 30 ☐ | 40 ☐ | 50 ☐ | 60 ☐ | 70 ☐ | 80 ☐ | 90 ☐ | 100 ☐ |